# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ | Volume-01
ISSUE - 60 | ସଂଖ୍ୟା-୬୦
ଭୁବନେଶ୍ୱର, ରବିବାର ୨୩, ମାର୍ଚ୍ଚ ୨୦୨୫
Bhubaneswar, Sunday, 23, March 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୭.୦୦ ଟଙ୍କା | Price : Rs.7.00
E-Mail : satyanews24.bbsr@gmail.com

Like, Follow & Subscribe Satya News24


## ଜ୍ଞାନପୀଠ ପୁରସ୍କାର ପାଇବେ ବିନୋଦ ଶୁକ୍ଲା

**ରାୟପୁର :** ବିଶିଷ୍ଟ ହିନ୍ଦୀ ଲେଖକ ବିନୋଦ କୁମାର ଶୁକ୍ଲାଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ୫୯ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଛି। ଏହି ପୁରସ୍କାର ପାଇବାରେ ସେ ଛତିଶଗଡ଼ର ପ୍ରଥମ ଲେଖକ ହେବେ।ଏହି ଭାଷାର ଅନ୍ୟତମ ଶ୍ରେଷ୍ଠ ସମସାମୟିକ ଲେଖକ ଭାବେ ବିବେଚିତ ୮୮ ବର୍ଷୀୟ କ୍ଷୁଦ୍ରଗଳ୍ପ ଲେଖକ, କବି ଓ ପ୍ରବନ୍ଧକାର ହେଉଛନ୍ତି ଦ୍ୱାଦଶ ହିନ୍ଦୀ ଲେଖକ ଯିଏ ଏହି ପୁରସ୍କାର ପାଇବେ। ଏହି ପୁରସ୍କାର ସହିତ ନଗଦ ୧୧ ଲକ୍ଷ ଟଙ୍କା, ଦେବୀ ସରସ୍ୱତୀଙ୍କ ଏକ କାଂସ୍ୟ ମୂର୍ତ୍ତି ଏବଂ ଏକ ପ୍ରଶଂସାପତ୍ର ପ୍ରଦାନ କରାଯିବ। ବିଶିଷ୍ଟ କାହାଣୀକାର ତଥା ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜ୍ଞାନପୀଠ ଚୟନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିନୋଦ କୁମାର ଶୁକ୍ଲା ଛତିଶଗଡ଼ ରାଜ୍ୟର ପ୍ରଥମ ଲେଖକ ଭାବେ ଏହି ପୁରସ୍କାରରେ ସମ୍ମାନିତ ହେବେ। ହିନ୍ଦୀ ସାହିତ୍ୟ, ସୃଜନଶୀଳତା ଓ ସ୍ୱତନ୍ତ୍ର ଲେଖା ଶୈଳୀରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି।ବୈଠକରେ ଚୟନ କମିଟିର ଅନ୍ୟ ସଦସ୍ୟମାନେ ମାଧବ କୌଶିକ, ଦାମୋଦର ମୌଜୋ, ପ୍ରଭା ବର୍ମା, ଅନାମିକା, ଏ କ୍ରିଷ୍ଣା ରାଓ, ପ୍ରଫୁଲ୍ଲ ଶିଲେଦାର, ଜାନକୀ ପ୍ରସାଦ ଶର୍ମା ଏବଂ ଜ୍ଞାନପୀଠ ନିର୍ଦ୍ଦେଶକ ମଧୁସୂଦନ



ଆନନ୍ଦ ଉପସ୍ଥିତ ଥିଲେ। ନିଜର ସ୍ୱତନ୍ତ୍ର ଭାଷାଗତ ଗଠନ ଓ ଭାବନାତ୍ମକ ସୃଷ୍ଟି ପାଇଁ ଜଣାଶୁଣା ଶ୍ରୀ ଶୁକ୍ଲା ୧୯୮୯ ମସିହାରେ ତାଙ୍କ ପୁସ୍ତକ 'ଦିୱାର ମେଁ ଏକ ଖିଡ଼କି ରହତି ଥି' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ।

## କାଳ ସାଜିଲା କାଳବୈଶାଖି

# ବର୍ଷିଲା କୁଆପଥର, ସବୁ ହେଲା ଛାରଖାର



### ଉଡ଼ାଇ ନେଲା ଛପର, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

**ଭୁବନେଶ୍ୱର :** ତାଣ୍ଡବ ରଚୁଛି କାଳବୈଶାଖୀ । ପ୍ରକୃତିର କରାଳ ରୂପ ସବୁ କିଛି ଛାରଖାର କରିଦେଇଛି । କୁଆପଥର ସହ ବର୍ଷା ପବନ ଭାଙ୍ଗିଛି ଲୋକଙ୍କ ମେରୁଦଣ୍ଡ । ଗତ କୋଡ଼ିଏରୁ ତିରିଶି ବର୍ଷ ଭିତରେ ଏମିତି ତଣ୍ଡବ ଲୋକ ଦେଖିନଥିବା କହିଛନ୍ତି। ଅନେକ ଚାଳ ଛପର ସହ ଟାଇଲ ଆଜବେଷ୍ଟସ ଉଡିଯାଇଛି । ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକର ମହୁଲବରେହି ଗାଁ । ଏଠି ସମସ୍ତଙ୍କ ଘରର ଅବସ୍ଥା ସମାନ । ଆଜବେଷ୍ଟସ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇପଡିଛି । ଠିକ୍ ରାତି ଆଠଟା ବେଳକୁ କାହିଁ କେଉଁଆଡୁ ପବନ ସହ ପ୍ରବଳ କୁଆପଥର ବର୍ଷା ଆସି ଏଠି ସବୁ କିଛି ଶେଷ କରିଦେଇଛି । କୁଆପଥର ମାଡ଼ ଏତେ ଭୟଙ୍କର ଥିଲା ଯେ କୁହାଯାଉଛି ଗୋଟିଏ ଗୋଟିଏ କୁଆପଥର ପାଞ୍ଚ ଶହ ଗ୍ରାମ ଓଜନ ପର୍ଯ୍ୟନ୍ତ ଥିଲା । ମୟୂରଭଞ୍ଜ ଜିଲ୍ଲାର କେବଳ ବାଙ୍ଗିରପୋଷି ବ୍ଲକ ନୁହେଁ, କୁଳିଅଣା ଓ ସାରସକଣା ଆଦି ବ୍ଲକର କିଛି ଗାଁ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଏମିତିକି କୁଆପଥର ମାଡ଼ରେ ଲୋକ ଆହତ ଓ ଗରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । କାହାର ମୁଣ୍ଡ ଫାଟିଛି ତ ପୁଣି କାହା ଶରୀରରେ ଲାଗିଛି ଗଭୀର ଆଘାତ । ଏମିତିକି ଶତାଧିକ ବାଇକ୍, କାର ଆଦିର କାଚ ମଧ୍ୟ ଭାଙ୍ଗିରୁଜି ଚୁରମାର ହୋଇଯାଇଛି । ଏହି ଅଞ୍ଚଳ ଗୁଡ଼ିକରେ ପ୍ରାୟ ୫ଶହ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ, ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସେହିପରି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକର ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚିଛି। କାଳବୈଶାଖୀ ପ୍ରଭାବରେ ଅନେକ ଘରର ଚାଳ ଛପର ଉଡ଼ାଇ ନେଇଯାଇଥିବା ବେଳେ ବି-୧୧ କେଭି ବିଦ୍ୟୁତ ଖୁଣ୍ଟକୁ ଭାଙ୍ଗି ଦେଇଛି ଏବଂ ବଡ଼ବଡ଼ ଗଛ ଉପାଡ଼ି ଦେଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ରାତି ୮/୩୦ରେ କାଳ ବୈଶାଖୀ ପ୍ରଭାବରେ ପବନ ସାଙ୍ଗକୁ ବର୍ଷା କୁଆପଥର ମାଡ଼ରେ କଣ୍ଟିପାଳ ପଞ୍ଚାୟତର ବାରୁଆଁ ଗ୍ରାମର ଜଗନ୍ନାଥ ନାୟକଙ୍କ ୪ ବଖରା ଘରର ଆଜେବେଷ୍ଟସ୍ ସମ୍ପୂର୍ଣ୍ଣ ଉଡ଼ାଇ ଫିଙ୍ଗି ଦେଇଥିବା ବେଳେ ସେହି ଗ୍ରାମର କରବୀର ନାୟକଙ୍କ ଘରେ ଏକ ଗଛ ପଡି ଘର ଭାଙ୍ଗି ଦେଇଥିଲା। ସେହିପରି ବାଉଁଶଗଡ଼ ପଞ୍ଚାୟତର ବାଲିଯୋଡ଼ି ଗ୍ରାମରେ ୧୧ କେଭି ଲାଇନ ଡିପି ଭାଙ୍ଗିଯାଇଥିବା ବେଳେ ସେହି ଗ୍ରାମର ଅର୍ଜୁନ ହୋଙ୍କ ୩ ବଖରା ଘରର ସମ୍ପୂର୍ଣ୍ଣ ଆଜବେଷ୍ଟସ୍ ଉଡ଼ାଇ ଫିଙ୍ଗି ଦେଇଛି। ଯାହାଫଳରେ ପରିବାର ଲୋକେ ରାତି ତମାମ ବର୍ଷାରେ ଭିଜି ଭିଜି ରାତି କଟାଇଛନ୍ତି କ୍ଷ ଘରେ ଥିବା ସମସ୍ତ ଆସବାବପତ୍ର ବର୍ଷାରେ ଭିଜି ନଷ୍ଟ ହୋଇଯାଇଥିବାରୁ ଲୋକଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି ସରକାର ତରଫରୁ ସେମାନଙ୍କୁ ସହାୟତା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।ବ୍ରହ୍ମପୁରରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ପବନ। ଅଢେଇ ଘଣ୍ଟା କାଟିଲା ବର୍ଷା । ପବନ ଯୋଗୁଁ ସହରର ଅବସ୍ଥା ବେହାଲ । ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡିଛି । ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି । ଏପରିକି ବିଭିନ୍ନ ଅଞ୍ଚଳରେ ଘର ଭିତରେ ପାଣି ପଶିଛି । ସବ୍‌ରେଜିଷ୍ଟର କାର୍ଯ୍ୟାଳୟ, ଥାନା, ସ୍କୁଲ ଭିତରେ ପଶିଛି ପାଣି । ରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି । ବଡ଼ ବଡ଼ ଗଛ ରାସ୍ତା ଉପରେ ପଡି ଯାତାୟାତରେ ବାଧା ସୃଷ୍ଟି କରିଥିଲା । ବର୍ଷା ଛାଡ଼ିବା ପରେ ପାଣି ନିଷ୍କାସନ ହୋଇଛି । ରାସ୍ତା ଉପରୁ ଭାଙ୍ଗି ପଡ଼ିଥିବା ଗଛକୁ ହାଟେଇବା ପାଇଁ ପ୍ରୟାସ କରାଯାଇଛି । ଉତ୍ତର ପଶ୍ଚିମ ଭାରତରେ ରହିଛି ଏକ ଟ୍ରାପ୍ ଲାଇନ୍ । ଫଳରେ ରାଜ୍ୟରେ କାଳବୈଶାଖୀ ବର୍ଷା ହେଉଛି । ଏହାର ପ୍ରଭାବରେ ଆସନ୍ତା ୩ ଦିନ ମଧ୍ୟରେ ୩ରୁ ୫ ଡିଗ୍ରୀ ଯାଏଁ ତାପମାତ୍ରା ହ୍ରାସ ପାଇବ । ୨୫ ତାରିଖ ପରଠୁ ଧୀରେ ଧୀରେ ତାପମାତ୍ରା ବୃଦ୍ଧି ପାଇବ ବୋଲି କହିଛି ପାଣିପାଗ ବିଭାଗ ।

## କାଳବୈଶାଖୀ ନେଲା ୩ ଜୀବନ

ରାଜ୍ୟରେ ବିଗତ ୨ଦିନ ହେଲା କାଳବୈଶାଖୀ ଜାରି ରହିଛି। ଏହାର ପ୍ରଭାବରେ ବର୍ଷା, ଘଡ଼ଘଡ଼ି ହୋଇଛି। ଘରଦ୍ୱାରା ଭାଙ୍ଗିଛି। ତଳିଆ ଅଞ୍ଚଳରେ ଜଳଭତର୍ତ୍ତି ହୋଇଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ଆଜି ବଜ୍ରାଘାତରେ ଜଣେ ଦଶମ ଶ୍ରେଣୀ ଛାତ୍ରର ସମେତ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିମାନେ ହେଲେ ରାଜେଶ ଗୌଡ଼ ଓ ମନୋଜ କୁମାର ନାୟକ। ଗଂଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଅଧୀନ ବମକେଇରୁ ନାରାୟଣପୁର ଫେରୁଥିବା ସମୟରେ ରାଜେଶ ଗୌଡ଼ ବଜ୍ରପାତର ସାମ୍ନା କରିଥିଲେ। ବଜ୍ରପାତ ଯୋଗୁଁ ସେ ହଠାତ ତଳେ ପଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୀ ଜିଲ୍ଲା ବ୍ରହ୍ମଗିରିରେ. କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସାଙ୍ଗକୁ ବର୍ଷା ଲାଗି ରହିଛି। ବ୍ରହ୍ମଗିରି ଥାନା ଗୋବର୍ଦ୍ଧନପୁର ଗାଁର ଦୁଃଶାସନ ନାୟକ ଓ ତାଙ୍କ ପତ୍ନୀ ନିଜ ଗାଁ ପାଖରେ ଥିବା ପୋଟଳ କିଆରୀରୁ ପାଣି ନିଷ୍କାସନ ପାଇଁ ଯାଇ ଥିଲେ ଅଧିକ ବର୍ଷା ଓ ବଜ୍ରପାତ ହେବାରୁ ବଡ଼ ପୁଅ ମନୋଜ ନାୟକ (୨୩) ଏକ କୋଦାଳ ନେଇ କ୍ଷେତକୁ ଯାଇ ଥିଲେ କ୍ଷେତର ଗୋଟିଏ ପଟ ହିଡ଼ରେ ମନୋଜ ପାଣି ନିଷ୍କାସନ କରୁଥିବା ବେଳେ ଅନ୍ୟ ପଟହିଡ଼ରେ ବାପା-ମା' ଛିଡ଼ା ହୋଇ ଥିଲେ। ହଠାତ ବଜ୍ରପାତ ମନୋଜଙ୍କ ଉପରେ ହୋଇ ଥିଲା ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଓ ଗାଁ ଲୋକେ ଏକ ଅଟୋରେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣି ଥିଲେ ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ସଦର ଚିକିତ୍ସାଳୟକୁ ନିଆ ଯାଇ ଥିଲା ଡାକ୍ତର ସେଠାରେ ମନୋଜଙ୍କୁ ମୃତ ଘୋଷଣା କରିଛନ୍ତି।

କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ସହ ପବନ ହୋଇଥିଲା। ପବନ ଯୋଗୁ ଅନେକ ସ୍ଥାନରେ ବଡ ବଡ ଗଛଗୁଡିକ ଉପୁଡିପଡିଛି। ସହରର ଲକ୍ଷ୍ମୀସାଗରପଡାର କୌଶଲା ବେହେରା(୨୬) ନାମକ ଜଣେ ଗର୍ଭବତୀଙ୍କ ଉପରେ ଗଛ ପଡିଯିବାରୁ ଚାପି ହୋଇ ତାଙ୍କର ମୃତ୍ୟୁ ଘଟିଛି। ବଡ ଅଘଟଣରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିପରି କାଳବୈଶାଖୀ ଯୋଗୁ ଦୀର୍ଘ ସମୟ ଧରି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା।

## ମହାନଦୀ ଜଳ ବିବାଦର ହେବ ସମାଧାନ

- ମୁଖ୍ୟମନ୍ତ୍ରୀଙ୍କ ସହିତ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସୌଜନ୍ୟମୂଳକ ସାକ୍ଷାତ
- ଆପୋଷ ସମାଧାନ ପାଇଁ ଆଲୋଚନା



**ଭୁବନେଶ୍ୱର :** ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁଦେବ ସାଏ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ବିଭିନ୍ନ ବିଷୟ ସହିତ ମହାନଦୀ ଜଳ ବିବାଦ ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଏହି ବିବାଦର ଆପୋଷ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ। ଦୁଇ ରାଜ୍ୟ ପରସ୍ପରର ପଡ଼ୋଶୀ ରାଜ୍ୟ ଏବଂ ଉଭୟ ରାଜ୍ୟ ମଧ୍ୟରେ ଭାଷା ଓ ଭାବଗତ ସାମଞ୍ଜସ୍ୟ ମଧ୍ୟ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଉଭୟ ରାଜ୍ୟର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହାର ତୁରନ୍ତ ସମାଧାନ ହେବା ଆବଶ୍ୟକ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏହା ଉପରେ ସକାରାତ୍ମକ ମତାମତ ପ୍ରକାଶ କରି କହିଥିଲେ ଯେ, ସେ ସଦାସର୍ବଦା ଆପୋଷ ସମାଧାନ ସପକ୍ଷରେ ଅଛନ୍ତି। ଆଲୋଚନା ଜରିଆରେ ଏହି ସମସ୍ୟାର ଉପଯୁକ୍ତ ସମାଧାନ ହୋଇପାରିବ ବୋଲି ସେ ମତ ଦେଇଥିଲେ। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏହି ବିଷୟ ଉପରେ ଗୁରୁତ୍ୱ ଦେଇ ଏହାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ରାସ୍ତା ବାହାର କରିବାକୁ ଏକମତ ହୋଇଛନ୍ତି।

## ଆରମ୍ଭ ହେଲା ଆଇପିଏଲ ମହାସମର

# ଉଦ୍‌ଘାଟନୀ ମ୍ୟାଚରେ ଆରସିବିର ଦମଦାର ବିଜୟ

- କୋଲକାତା ୭ ୱିକେଟରେ ହାରିଲା
- ଉଦଘାଟନୀ ଉତ୍ସବରେ ଝୁମାଇଲେ ଶ୍ରେୟା ଘୋଷାଲ, ଦିଶା ପାଟନୀ



**କୋଲାକାତା :** କୋଲକାତାର ଇଡେନ ଗାଡେନ୍ସଠାରେ ଆଜିଠାରୁ ଆରମ୍ଭ ହୋଇଛି ଆଇପିଏଲ ୨୦୨୫ । ଉଦଘାଟନୀ ମ୍ୟାଚରେ ହିଁ ଏହାର ରୋମାଞ୍ଚ ଦେଖିବାକୁ ମିଳିଛି । ପ୍ରଥମ ମ୍ୟାଚରେ କୋଲକାତା ନାଇଟରାଇଡର୍ସ (କେକେଆର)କୁ ୭ ୱିକେଟରେ ହରାଇ ଦେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) । ୧୭୫ ରନର ଲକ୍ଷ୍ୟକୁ ଦଳ ୧୬.୨ ଓଭରରେ ୧୭୭ ରନ କରି ହାସଲ କରିନେଇଥିଲା । ଆରସିବି ପକ୍ଷରୁ ଫିଲିପ ସଲ୍ଟ ୫୬ ରନ କରିଥିବାବେଳେ ବିରାଟ କୋହଲି ସର୍ବାଧିକ ୫୯ ରନ କରିଥିଲେ । ରଜତ ପଟିଦାର ୩୪ ଓ ଦେବଦତ୍ତ ପଡିକଲ୍ଲ ୧୦ ରନ କରିଥିଲେ । ଏହି ମ୍ୟାଚ୍‌ରେ ଆରସିବି ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା କେକେଆର ଧାର୍ଯ୍ୟ ୨୦ ଓଭରରେ କେକେଆର ୮ ୱିକେଟ ହରାଇ ୧୭୪ ରନ୍ କରିଥିଲା । ଗୋଟିଏ ସମୟରେ କକଜର ସ୍କୋର ୯.୫ ଓଭରରେ ଗୋଟିଏ ୱିକେଟ ହରାଇ ୧୦୭ ରନ ଥିଲା। ରାହାଣେ ଏବଂ ନାରିନ ଆଉଟ ହେବା ମାତ୍ରେ, କେକେଆର ବ୍ୟାଟସମ୍ୟାନମାନେ ଜଣକ ପରେ ଜଣେ ଆଉଟ ହୋଇ ଯାଇଥିଲେ। କୋଲକାତା ପାଇଁ ଅଧିନାୟକ ରାହାଣେ ସର୍ବାଧିକ ୫୬ ରନ କରିଥିଲେ। ନାରିନ ୪୪ ରନର ଇନିଂସ ଖେଳିଥିଲେ। ଆରସିବି ପକ୍ଷରୁ କୃଣାଲ ପାଣ୍ଡ୍ୟା ସର୍ବାଧିକ ତିନୋଟି ୱିକେଟ ନେଇଥିଲେ। ଜୋଶ ହାଜେଲଉଡ ଦୁଇଟି ସଫଳତା ପାଇଛନ୍ତି। ଓଟଖ ୨୦୨୫ର ଉଦଘାଟନୀ ଉତ୍ସବ ଶେଷ ହୋଇଛି। ଓଟଖର ୧୮ତମ ସିଜିନ ଅବସରରେ, ଏକ କେକ କଟାଯାଇଥିଲା ଏବଂ ଆତସବାଜି ସହିତ ଓଟଖ୨୦୨୫ର ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଉଦଘାଟନୀ ସମାରୋହ ସମୟରେ ଟସ ବିଳମ୍ବ ହୋଇଥିଲା ଏବଂ ଆରସିବି ଏବଂ କେକେଆର ମଧ୍ୟରେ ମ୍ୟାଚ ପାଇଁ ଟସ ଖୁବ ଶୀଘ୍ର ହେବ। ଆଇପିଏଲ ଉଦଘାଟନୀ ଉତ୍ସବ ଶାହରୁଖ ଖାନଙ୍କ ଭାଷଣ ସହିତ ଆରମ୍ଭ ହୋଇଥିଲା ଏବଂ ପରେ ବଲିଉଡ ଗାୟିକା ଶ୍ରେୟା ଘୋଷାଲ ସଙ୍ଗୀତ ପରିବେଷଣ ହୋଇଥିଲା। ଶ୍ରେୟା ତାଙ୍କ ସୁମଧୁର ସ୍ୱରରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହା ପରେ ବଲିଉଡ ଅଭିନେତ୍ରୀ ଦିଶା ପାଟନି ନିଜ ନୃତ୍ୟରେ ସମସ୍ତଙ୍କୁ ଖୁବ ମନୋରଞ୍ଜନ ଦେଇଥିଲେ। ତା'ପରେ ପଞ୍ଜାବୀ ଗାୟକ କରଣ ଔଜଲ କାର୍ଯ୍ୟକ୍ରମରେ ରଙ୍ଗ ଭରି ଦେଇଥିଲେ। ଶେଷରେ ଶାହରୁଖ ରିଙ୍କୁ ସିଂହ ଏବଂ ବିରାଟ କୋହଲିଙ୍କ ସହ ନାଚିଲେ। ଡିଫେଣ୍ଡିଂ ଚାମ୍ପିଅନ କକଜ ଅଧିନାୟକ ଅଜିଙ୍କ୍ୟ ରାହାଣେ ଏବଂ ଜଉଇ ଅଧିନାୟକ ରଜତ ପାଟିଦାର ଚମକଦାର ଓଟଖ ଟ୍ରଫି ସହିତ ମଞ୍ଚକୁ ଆସିଥିଲେ। ଶାହରୁଖଙ୍କ ସହ ମଞ୍ଚ ଉପରେ ବିସିସିଆଇର ପ୍ରମୁଖ ଅଧିକାରୀ, ଦିଶା ପାଟନୀ, ଶ୍ରେୟା ଘୋଷାଲ, କରଣ ଔଜଲା, ରାହାଣେ ଏବଂ ପାଟିଦାର ଉପସ୍ଥିତ ଥିଲେ।

## ନବ ଦାସଙ୍କ ହତ୍ୟା ଘଟଣାରେ ତନାଘନା

- ଓରିଏଣ୍ଟ ଥାନାରେ କ୍ରାଇମବ୍ରାଞ୍ଚ ଟିମ୍
- ଅଧିକାରୀ, କର୍ମଚାରୀଙ୍କୁ ପଚରାଉଚରା

**ଝାରସୁଗୁଡ଼ା :** ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ଟିମ୍ ଶନିବାର ପଞ୍ଚମ ଦିନରେ ବ୍ରଜରାଜନଗର ଓରିଏଣ୍ଟ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚ ଟିମ୍ ଥାନା କର୍ମଚାରୀ ଏବଂ ଅଧିକାରୀଙ୍କୁ ନବ ଦାସ ହତ୍ୟା ମାମଲା ସମ୍ପର୍କରେ ପଚରାଉଚରା କରିବା ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛି। ଏପରିକି କ୍ରାଇମବ୍ରାଞ୍ଚ ଟିମ୍ ଶୁକ୍ରବାର ଝାରସୁଗୁଡ଼ା ବିମାନବନ୍ଦରରେ ଖୋଳତାଡ଼ ଆରମ୍ଭ କରିଛି। ତଦନ୍ତ ବେଳେ କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ା ବିମାନ ବନ୍ଦରରୁ ନବ ଦାସଙ୍କୁ ଏୟାର ଲିଫ୍ଟ କରିବା ସମୟର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିଛି। ଏପରିକି ବିମାନ ବନ୍ଦର ଅଧିକାରୀଙ୍କ ବୟାନ ରେକର୍ଡ କରିଛି।ନବଙ୍କୁ ଗୁଳିବିଦ୍ଧ ହେବା ପରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରକୁ ଅଣାଯାଇଥିଲା ଏବଂ ଏଠାରୁ ଭୁବନେଶ୍ୱରକୁ ଏୟାର ଲିଫ୍ଟ କରାଯାଇଥିଲା। ତେବେ ନବଙ୍କୁ ଗୁଳିକାଣ୍ଡ ଦିନ ତାଙ୍କୁ ଏୟାର ଲିଫ୍ଟ କରିବା ପାଇଁ ଆସିଥିବା ଏୟାର ଆମ୍ବୁଲାନ୍ସର ଲ୍ୟାଣ୍ଡିଂ, ଡିପାର୍ଚର ସମୟର ତଥ୍ୟ ସହ ସେଦିନ ଉପସ୍ଥିତ ଥିବା କର୍ମଚାରୀଙ୍କୁ ପ୍ରାୟ ୩ଘଣ୍ଟା ଧରି ପଚରାଉଚରା କରିଥିଲା କ୍ରାଇମବ୍ରାଞ୍ଚ ଟିମ୍। ବିମାନ ବନ୍ଦର ନିର୍ଦ୍ଦେଶକ, ଚିଫ୍ ଏୟାର ପୋର୍ଟ ସିକ୍ୟୁରିଟି ଅଫିସର, ଟର୍ମିନାଲ ମ୍ୟାନେଜରଙ୍କୁ ପଚରାଉଚରା କରିବା ସହିତ ସେମାନଙ୍କ ଧାରା୧୬୧ରେ ବୟାନ ରେକର୍ଡ କରାଯାଇଛି। ସେଠାରୁ କିଛି ଆବଶ୍ୟକ କାଗଜାତ ପତ୍ର ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍‌ର ହସ୍ତଗତ ହୋଇଛି।

## ସୀମା ନିର୍ଦ୍ଧାରଣ ପ୍ରସଙ୍ଗ

# ଚେନ୍ନାଇରେ ଏକଜୁଟ ହେଲେ ବିରୋଧୀ

- ବିଜେଡି ସହ ୮ ରାଜ୍ୟର ବିରୋଧୀ ଦଳ ପ୍ରତିନିଧି ସାମିଲ
- 'ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଆମକୁ ଦଣ୍ଡିତ କରା ନ ଯାଉ'

**ଚେନ୍ନାଇ :** ସୀମା ନିର୍ଦ୍ଧାରଣ ପ୍ରସଙ୍ଗ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଶନିବାର ଚେନ୍ନାଇରେ ବିରୋଧୀ ନେତାମାନଙ୍କର ଏକ ବୈଠକ ଡାକିଥିଲେ। କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମେତ ଅନେକ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ନେତା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଅଂଶଗ୍ରହଣ କରି କେରଳ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଲୋକ ସଭା ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ ପ୍ରସ୍ତାବ ଆମ ମୁଣ୍ଡ ଉପରେ ଏକ ଖଣ୍ଡା ଭଳି ଝୁଲୁଛି। ବିଭିନ୍ନ ରିପୋର୍ଟରୁ ଜଣାପଡିଛି ଯେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର କୌଣସି ପରାମର୍ଶ ବିନା ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆଗକୁ ବଢୁଛି। ଏଭଳି ହଠାତ୍ ପଦକ୍ଷେପ କୌଣସି ସାମ୍ବିଧାନିକ ନୀତି କିମ୍ବା ଗଣତାନ୍ତ୍ରିକ ବାଧ୍ୟବାଧକତା ଦ୍ୱାରା ଅନୁପ୍ରାଣିତ ନୁହେଁ।'ବୈଠକରେ, ମୁଖ୍ୟମନ୍ତ୍ରୀ ଷ୍ଟାଲିନ ସ୍ପଷ୍ଟ କରିଥିଲେ ଯେ ବିରୋଧୀ ସୀମା ନିର୍ଦ୍ଧାରଣ ବିରୋଧରେ ନୁହେଁ ବରଂ ଏକ ଅନୁଚିତ ସୂତ୍ରର ବିରୋଧୀ ଯାହା ଜନସଂଖ୍ୟା ବୃଦ୍ଧିକୁ ସଫଳତାର ସହିତ ନିୟନ୍ତ୍ରଣ କରିଥିବା ରାଜ୍ୟଗୁଡ଼ିକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିବ ।ଆଗାମୀ ସୀମା ନିର୍ଦ୍ଧାରଣ ଯୋଗୁଁ ଦକ୍ଷିଣ ଭାରତୀୟ ରାଜ୍ୟ ସଂସଦୀୟ ଆସନ ହରାଇବ ନାହିଁ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ପ୍ରତିଶ୍ରୁତି ଉପରେ ଶନିବାର ସନ୍ଦେହ ପ୍ରକାଶ କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ। ଷ୍ଟାଲିନ କହିଥିଲେ ଯେ ସେ ଅମିତ ଶାହଙ୍କ କଥାକୁ ବିଶ୍ୱାସ କରନ୍ତି ନାହିଁ।ଏହି ସମୟରେ, ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଅଭିଯୋଗ କରିଛନ୍ତି ଯେ ଭାଜପା 'ଜନସଂଖ୍ୟାଗତ ଦଣ୍ଡ' ନୀତି କାର୍ଯ୍ୟକାରୀ କରୁଛି। ସେ ଆହୁରି କହିଛନ୍ତି, 'ସୀମା ନିର୍ଦ୍ଧାରଣ ପ୍ରକ୍ରିୟାରେ ଲୋକ ସଭା ଆସନ ସଂଖ୍ୟା ବୃଦ୍ଧି କରନ୍ତୁ ନାହିଁ।'

## ଆସନ ନିର୍ଦ୍ଧାରଣ ପାଇଁ ଜନସଂଖ୍ୟା ଏକ ମାନଦଣ୍ଡ ନ ହେଉ : ନବୀନ

ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ଆଜି (୨୨ ମାର୍ଚ୍ଚ) ଚେନ୍ନାଇରେ ଏହି ପ୍ରସଙ୍ଗରେ ଏକ ବଡ଼ ବୈଠକ ଅନୁଷ୍ଠିତ ହୋଇଥିଲା। ପାଞ୍ଚଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଅନ୍ୟ ତିନୋଟି ରାଜ୍ୟର ନେତାମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବୈଠକରେ ଉପସ୍ଥିତ ସମସ୍ତ ଜନପ୍ରତିନିଧି ସେମାନଙ୍କ ରାଜ୍ୟ ଉପରେ ସୀମା ନିର୍ଦ୍ଧାରଣର ପାର୍ଶ୍ୱ ପ୍ରତିକ୍ରିୟା ବର୍ଣ୍ଣନା କରିଥିଲେ। ଏହି ବୈଠକ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କେରଳ ମୁଖ୍ୟମନ୍ତ୍ରୀ ପି ବିଜୟନ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏବଂ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ବିରୋଧୀ ଦଳ ବିଜୁ ଜନତା ଦଳ ଏବଂ ଆନ୍ଧ୍ର ପ୍ରଦେଶର ବିରୋଧୀ ଦଳ ୱାଇଏସଆର-କଂଗ୍ରେସର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଯଦିଓ ଯୋଗ ଦେଇନଥିଲେ କିନ୍ତୁ ସେ ପୂର୍ବତନ ମନ୍ତ୍ରୀ ତଥା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଅଧ୍ୟକ୍ଷ ସଞ୍ଜୟ ଦାସବର୍ମା ଓ ପୂର୍ବତନ ରାଜ୍ୟସଭା ସାଂସଦ ଡ଼ ଅମର ପଟ୍ଟନାୟକଙ୍କୁ ପ୍ରତିନିଧି ଭାବେ ପଠାଇଥିଲେ । ଏହି ବୈଠକକୁ ନେଇ ନବୀନ କହିଛନ୍ତି ଯେ ସୀମା ପୁନଃନିର୍ଦ୍ଧାରଣ ଓଡ଼ିଶାବାସୀଙ୍କ ସ୍ୱାର୍ଥରେ ହାନି ପହଞ୍ଚାଇବ। ସୀମା ନିର୍ଦ୍ଧାରଣ ପାଇଁ ଜନସଂଖ୍ୟା କେବଳ ଏକମାତ୍ର ଆଧାର ନହେଉ। କେନ୍ଦ୍ର ସରକାର ସବୁ ରାଜନୈତିକ ଦଳଙ୍କ ସହ ବୈଠକ କରି ଦ୍ୱନ୍ଦ୍ୱ ଦୂର କରନ୍ତୁ। ସେହିପରି ବିଜେଡି ପ୍ରତିନିଧି ବୈଠକରେ କହିଥିଲେ ଯେ ଜନସଂଖ୍ୟା ଆଧାରରେ ସୀମା ନିର୍ଦ୍ଧାରଣ ସେହି ଦକ୍ଷିଣ ରାଜ୍ୟଗୁଡ଼ିକ ପ୍ରତି ଅନ୍ୟାୟ ହେବ ଯେଉଁମାନେ ଦେଶର ସ୍ୱାର୍ଥ ପାଇଁ ପରିବାର ନିୟୋଜନ ଯୋଜନା ମାଧ୍ୟମରେ ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖିଥିଲେ। ଜନସଂଖ୍ୟା ଆଧାରରେ ସୀମା ନିର୍ଦ୍ଧାରଣ କାର୍ଯ୍ୟକାରୀ କରାଯିବା ଉଚିତ୍ ନୁହେଁ। କେନ୍ଦ୍ର ସରକାର ସମସ୍ତ ପକ୍ଷଙ୍କ ସହିତ ଆଲୋଚନା କରିବା ପରେ ଏହି ବିଷୟରେ ପରବର୍ତ୍ତୀ ପଦକ୍ଷେପ ନେବା ଉଚିତ।

# ବିଶ୍ୱ ଜଳଦିବସ ପାଳନ

**ପଦ୍ମପୁର,(ନି.ପ୍ର) :** ଆଜି ସ୍ଥାନୀୟ ଅଭ୍ୟାସ ଟେକ୍ନୋ ସ୍କୁଲ ,ପଦ୍ମପୁର ଠାରେ ବିଶ୍ୱ ଜଳ ଦିବସ ଉପଲକ୍ଷେ ନିଜ ସ୍କୁଲ ଆଗରେ ଥିବା NH ରୋଡ ପାଖରେ ଜଳ ଛତ୍ର ର ବ୍ୟବସ୍ଥା କରି ତାକୁ ଆଜି ଶୁଭାରମ୍ଭ ସ୍କୁଲ ର ପ୍ରିନ୍ସିପାଲ୍ ଦିବ୍ୟ ଦେବାଶିଷ ଦୂବେ ଏବଂ ସେକ୍ରେଟେରୀ ଲାଡି ତୁକାରମ୍ ମ୍ୟାନେଜର ଗାୟତ୍ରୀ ପଣ୍ଡା ସମସ୍ତ ଷ୍ଟାଫ ଛାତ୍ର ମାନେ ଉପସ୍ଥିତ ରହି ଏହାର ସୁନ୍ଦର୍ ବ୍ୟବସ୍ଥା କରି ଥିଲେ ଲାଡ଼ି ତୁକାରାମ୍ ରିବନ୍ କାଟି ଏହାକୁ ଶୁଭାରମ୍ଭ କରି ଥିଲେ । ରାସ୍ତାରେ ଯିବା ଲୋକ ଙ୍କୁ ମଧ୍ଯ ଜଳ ପିଇବାକୁ ଦେଇ ଥିଲେ । କାରଣ ଜଳ ହିଁ ଜୀବନ । ପ୍ରବଳ ଖରା ଯୋଗୁଁ ଏହି ରାସ୍ତା ରେ ଯିବା ଲୋକ ଶୋଷ ଯୋଗୁଁ ଚେତା ଶୂନ୍ୟ ହୋଇ ମଧ୍ଯ ପଡ଼ି ଯାଆନ୍ତି । ସେହି ପାଖରେ ଆଉ କିଛି ସୁବିଧା ନାହିଁ ।ତତ୍ ସଙ୍ଗେ ସଙ୍ଗେ ସେଠାରେ ବହୁ ଦୁର୍ଘଟଣା ମଧ୍ଯ ଘଟୁଛି । ତେଣୁ ଏହି ଜଳ କିଛି ମାତ୍ର ରେ ତାହାର ଲାଘବ କରି ପାରିବ ବୋଲି ଅଧକ୍ଷ ଦିବ୍ୟ ଡୁବେ କହି ଥିଲେ ।



# ମା'ଫୁଲକାଶିନୀଙ୍କ ଯାତ୍ରା

**ବଡଗଡ,(ନି.ପ୍ର) :** ମହା ଆଡମ୍ବରରେ ମା' ଫୁଲକାଶିନୀଙ୍କ ଯାତ୍ରା ଚାଲିଛି ।ସହର ସାରା ଆଲୋକ ରେ ଝଲସୁଛି । ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁଛି । ମିନାବଜାରରେ ସମସ୍ତ ପ୍ରକାରର ଦୋଳି ସାଙ୍ଗକୁ କୁଅ ଭିତରେ କାର ମଟରସାଇକେଲ ବୁଲିବା ମୁଖ୍ୟ ଆକର୍ଷଣ ହେଉଛି । ଦୋକାନ ବଜାର ସହରରେ ଭର୍ତି ହୋଇଛି । ସଂଧ୍ୟା ବେଳେ ବଜାରରେ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ପୋଲିସ ପ୍ରଶାସନର ସହାୟତା ରେ ଭିଡ଼କୁ ନିୟନ୍ତ୍ରିତ କରାଯାଉଛି । ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲିବ । ସୋରଡ଼ା ବିଧାୟକ ଶ୍ରୀ ନିଳମଣୀ ବିଷୋୟୀଙ୍କ ସହଯୋଗ ଏହି ଯାତ୍ରାକୁ ସଫଳ କରିବା ଏକ ପ୍ରକାର ମହାନତା ର ପରିଚୟ ପ୍ରଦାନ କରୁଛି ।

# ପଞ୍ଚୁଦୋଳ ମେଳଣ ନେଇ ବାଳକାଟି ଉତ୍ସବମୁଖର

**ବାଲିଅନ୍ତା,(ନି.ପ୍ର) :** ରାଜଧାନୀ ଉପକଣ୍ଠ ବାଳକାଟି ଅଞ୍ଚଳ ଏବେ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ପାଇଁ ଉତ୍ସବମୁଖର ହୋଇଉଠିଛି କ୍ଷ କାହିଁ କେତେ ଦୂରଦୁରାନ୍ତରରୁ ଶହ ଶହ ଶ୍ରଦ୍ଧାଳୁ ଆସି ବିମାନରେ ପ୍ରଭୁ ଦୋଳଗୋବିନ୍ଦଙ୍କୁ ଦର୍ଶନ କରି ଫଗୁ ଅର୍ପଣ କରୁଛନ୍ତି । ଗତ ବୁଧବାର ରାତିରୁ ଏହି ମେଳଣ ଜମି ଆସନ୍ତା ରବିବାର ଦିନ ହରିହର ଭେଟରେ ଉଦଯାପିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ଫ ସମବେତ ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାରେ ଆସି ମେଳଣ ବୁଲିବେ ଏବଂ ବଜାରରେ ମେଳଣ ସମୟରେ ଭାରିଯାନ ପ୍ରବେଶ



ନକରିବ ସେଥିପାଇଁ ମଧ୍ୟ କମିଶନରେଟ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ବିମାନରେ ପ୍ରଭୁଙ୍କ ଦର୍ଶନ କରି ମେଳଣର ଭରପୂର ମଜା ଉଠାଉଛନ୍ତି ଲୋକେ ।

# ରଣପୁର ଗ୍ରାମରେ ଅଷ୍ଟମ ପ୍ରହର ନାମଯଜ୍ଞ

**ବାଲିଅନ୍ତା,(ନି.ପ୍ର) :** ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ ରଣପୁର ଗ୍ରାମରେ ଅଷ୍ଟମ ପ୍ରହର ନାମଯଜ୍ଞ ଆଜି ଉଦଯାପିତ ହୋଇଯାଇଛି । ଗତ ୨୦ ତାରିଖରେ



ଗ୍ରାମ ପୁଷ୍କରିଣୀରୁ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ୨୧ ତାରିଖରେ ଅଷ୍ଟମ ପ୍ରହର ନାମଯଜ୍ଞ ଚାଲିଥିଲା । ଆଜି ରଣପୁର, ସରକଣା ଉପରମୁଣ୍ଡ ସାହି, ସାମନ୍ତରା ସାହି ଓ ଭାରତୀବାଗ ଗ୍ରାମରେ ନଗରକୀର୍ତ୍ତନ କରଯାଇଥିଲା । ଗ୍ରାମକମିଟି ସମେତ ସମୂହ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ ।

# ସିଡିପିଓଙ୍କ ବ୍ୟବହାର ଖରାପ କରିବାରୁ ଅଙ୍ଗନବାଡି କର୍ମୀ ବିଡିଓଙ୍କ ପାଖରେ ଅଭିଯୋଗ

**ନୂଆଗାଁ ବ୍ଲକ,(ନି.ପ୍ର) :** ନୂଆଗାଁ ବ୍ଲକରେ କାର୍ଯ୍ୟରତ ଥିବା ସିଡିପିଓ ଶୁଭ୍ରକେଶୀ ମଲ୍ଲିକ କିଛି ଅଙ୍ଗନବାଡି କର୍ମୀଙ୍କୁ ଦୁଃବ୍ୟବହାର ପ୍ରଦର୍ଶନ କରୁଥିବା ଘଟଣାକୁ କେନ୍ଦ୍ର କରି ନୂଆଗାଁ ଅଙ୍ଗନବାଡି କର୍ମୀ ସଂଘର କର୍ମକର୍ତା ମାନେ ଆଜି ନୂଆଗାଁ ବିଡିଓ ଡ. ଅମୃତ କୁମାର ରାଉଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଯଦି ସିଡିପିଓଙ୍କର ବ୍ୟବହାରରେ ପରିବର୍ତନ ନଆସେ ତେବେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବା ନେଇ ସୂଚନା ଦିଆଯାଇଛି । ନୂଆଗାଁ ବ୍ଲକର ୨୨ ଗୋଟି ପଂଚାୟତରେ ୧୬୮ ଗୋଟି ଅଙ୍ଗନବାଡି କେନ୍ଦ୍ର ରହିଛି । ଶିଶୁ ମାନଙ୍କୁ ପ୍ରାକ୍ ଶିକ୍ଷା ପ୍ରଦାନ କରିବା ଠାରୁ ଆରମ୍ଭ କରି ପୁଷ୍ଟିକର ଖାଦ୍ୟ ଯୋଗାଣ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ନିର୍ବାହ କରିବା ନିମନ୍ତେ ପ୍ରତି କେନ୍ଦ୍ରରେ ଜଣେ ଲେଖାଏଁ ଅଙ୍ଗନବାଡି କର୍ମୀ ଏବଂ ସହାୟିକା ନିଯୁକ୍ତ ହୋଇଛନ୍ତି । କର୍ମୀ ମାନେ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବା ସମୟରେ କିଛିକିଛି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହାର ସମାଧାନ ନିମନ୍ତେ କର୍ମୀ ଏବଂ ସହାୟିକା ମାନେ ନିଜ ନିଜର ଅସୁବିଧା ସମ୍ପର୍କରେ ପ୍ରଥମେ ଅଙ୍ଗନବାଡି କର୍ମୀ ଏବଂ ସହାୟିକା ସଂଘକୁ ଜଣାଇଥାନ୍ତି । ପରେ ସଂଘର କର୍ମକର୍ତା ମାନେ ଏହି ସମସ୍ୟା ବାବଦରେ ସିଡିପିଓ କିମ୍ବା ବ୍ଲକ ସ୍ତରୀୟ



ଅଧିକାରୀ ମାନଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିଥାନ୍ତି । କିନ୍ତୁ ଦୁଃଖର ବିଷୟ ନୂଆଗାଁ ବ୍ଲକରେ ଦାୟିତ୍ୱରେ ଥିବା ସିଡିପିଓ କିଛି ବର୍ଷ ହେଲା କର୍ମୀ ମାନଙ୍କୁ ଦୁଃବ୍ୟବହାର ପ୍ରଦର୍ଶନ କରିବା ସହିତ ସଂଘର କର୍ମକର୍ତା ମାନଙ୍କୁ ମଧ୍ୟ ସମାନ ବ୍ୟବହାର ଦେଖାଉଥିବା ଅଭିଯୋଗ ହୋଇଛି । ବାରମ୍ବାର ସିଡିପିଓଙ୍କ ବ୍ୟବହାରରେ ବିରକ୍ତ ହୋଇ ଆଜି ସଂଘର ସଭାପତିଙ୍କ ସମେତ କିଛି କର୍ମୀ ମାନେ ନୂଆଗାଁ ବିଡିଓଙ୍କୁ ଭେଟି ସିଡିପିଓଙ୍କର ବ୍ୟବହାର ସଂପର୍କରେ ଗୋଟି ଗୋଟି କରି ବଖାଣିଥିଲେ । ସମସ୍ତ ଘଟଣା ବିଷୟରେ ଶୁଣିବା ପରେ ବିଡିଓ ସିଡିପିଓଙ୍କୁ ଯୋଗାଯୋଗ କରିଥିଲେ । ହେଲେ ସିଡିପିଓ କାର୍ଯ୍ୟାଳୟରେ ଉପସ୍ଥିତ ନଥିବା ଯୋଗୁଁ ଏହି ଘଟଣାର କେ ?ଣସି ଆଲୋଚନା ହୋଇପାରି ନଥିଲା । ଘଟଣାର ସମାଧାନ ନହେବା ଯାଏଁ କର୍ମୀ ମାନେ ବ୍ଲକ କାର୍ଯ୍ୟାଳୟରୁ ନଯିବା ପାଇଁ ଅଡି ବସିଥିବା ବେଳେ ବିଡିଓ ସେମାନଙ୍କୁ ବୁଝାସୁଝା କରିବା ସହ ଖୁବଶୀଘ୍ର ଏ ଘଟଣା ବାବଦରେ ସିଡିପିଓ ଏବଂ କର୍ମୀ ମାନଙ୍କୁ ନେଇ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଏ ବାବଦରେ ନୂଆଗାଁ ବ୍ଲକ ସିଡିପିଓ ଶ୍ରୀମତୀ ମଲ୍ଲିକଙ୍କୁ ପଚାରିବାରେ, ମୁଁ ମୋର ଅଙ୍ଗନବାଡି କର୍ମୀ ମାନଙ୍କୁ କେମିତି କଥା କହିବି, କେମିତି କାମ କରାଇବି ସେଇଟା କହିଲେ କଣ ମୁଁ ଖରାପ ବୋଲି କହିଛନ୍ତି ।

# ଶରଣାର୍ଥୀଙ୍କ ପରିଚୟପତ୍ର ଯାଞ୍ଚ କରିବାକୁ ବିଜେପି ପକ୍ଷରୁ ଦାବିପତ୍ର

**ପାଟଣା,(ନି.ପ୍ର) :** ରାଜ୍ୟ ବାହାରୁ ପାଟଣା ଅଞ୍ଚଳକୁ ଆସୁଥିବା ବାଂଲାଦେଶୀ ଏବଂ ପୋଡ଼ଶୀ ପଶ୍ଚିମବଙ୍ଗ ରୁ ଆସୁଥିବା ମୁସଲମାନ ଏବଂ ଅନ୍ୟ ସମ୍ପ୍ରଦାୟର ଲୋକମାନେ ଆସି ନିଜକୁ ବଢ଼େଇ ମିସ୍ତ୍ରୀ, ରାଜମିସ୍ତ୍ରୀ, ଫେରିବାଲା ପରିଚୟ ପ୍ରଦାନ ପାଟଣା ଅଞ୍ଚଳରେ ରହୁଛନ୍ତି ।ଏମାନେ ପାଟଣା ଅଞ୍ଚଳରେ ଘଟୁଥିବା ବିଭିନ୍ନ ଅପରାଧରେ ମଧ୍ୟ ଜଡିତ ଥିବା ସନ୍ଦେହ କରାଯାଇଛି ।ଏଥିପ୍ରତି ଦୃଷ୍ଟି ଦେବା ପାଇଁ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ର ଉପସଭାପତି ମମିତା ନାଏକ ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପାଟଣା ଥାନାକୁ ଯାଇ ବାହାର ରାଜ୍ୟରୁ ଆସୁଥିବା ଶରଣାର୍ଥୀ ତଥା ଅନ୍ୟାନ୍ୟ ବ୍ୟକ୍ତିଙ୍କ ଆଧାର କାର୍ଡ ଯାଞ୍ଚ କରାଯିବା ନିମନ୍ତେ ପାଟଣା ଥାନାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଏହି ପ୍ରତିନିଧି ମଣ୍ଡଳୀରେ କେନ୍ଦୁଝର ଜିଲ୍ଲା ସାଂସଦ ଙ୍କ ପାଟଣା ଥାନା ପ୍ରତିନିଧି ଯୁଧିଷ୍ଠିର ମହାନ୍ତ, ବିଜେପି ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ, ମଧୁସୂଦନ ମହାନ୍ତ, ବିଜେପି ଜିଲ୍ଲା ସଂଖ୍ୟା ଲଘୁ ଉପସଭାପତି ମାନସୁର ଆଲାମ, ଯଶୋବନ୍ତ ମହାରଣା, ଆଶିଷ ହାସଦା, ରଞ୍ଜନ ପଲେଇ, ଆଶିଷ ରାମ,ପ୍ରମୁଖ ପାଟଣା ଥାନା ଏ ଏସ ଆଇ ଏସ ଲୁଗୁନ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।



# ରମେଶ୍ୱର ଶୁଶୁ ବିଦ୍ୟାପୀଠ ବାର୍ଷିକ ଉତ୍ସବ

**ଧୂଷୁରୀ,(ନି.ପ୍ର) :** ଧାମନଗର ବ୍ଲକର ପାଳସାହି ପଞ୍ଚାୟତ ସ୍ଥିତ ପରମେଶ୍ୱର ଶିଶୁ ବିଦ୍ୟାପୀଠ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପଣ୍ଡିତ ପଞ୍ଚାନନ ମିଶ୍ର ଅଧକ୍ଷତା କରିଥିଲା ବେଳେ ସଭା ସଞ୍ଚାଳନ କରିଥିଲେ ପ୍ରଶାନ୍ତ କୁମାର ପଲାଇ । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟ ସୁନ୍ଦର ପରିଡା ମୁଖ୍ୟ ଅତିଥି, ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଦେବାଶିଷ ସାମଲ ମୁଖ୍ୟ ବକ୍ତା, ଶିକ୍ଷା ବିକାଶ ପରିଷଦର ରାଜ୍ୟ ସଂଯୋଜକ ସୁଦର୍ଶନ ପ୍ରଧାନ, ବବାମଣୀ ଡିଗ୍ରୀ ମହାବିଦ୍ୟାଳୟର ଦର୍ଶନ ବିଭାଗ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସି ଆର ସି ସି ବ୍ରଜ କିଶୋର ଶୀୟଳ ପ୍ରମୁଖ ସମ୍ମାନିତ



ଅତିଥି, ଧୂଷୁରୀ ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ରତିକାନ୍ତ ନାୟକ, ଅବସର ପ୍ରାପ୍ତ ଅଧ୍ୟାପକ ତ୍ରିଲୋଚନ ଦାସ, ବରିଷ୍ଠ ନାଗରିକ କାଶୀନାଥ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ।ପ୍ରତିଷ୍ଠାତା ସଦସ୍ୟ ଭାବେ ଅନିଲ କୁମାର ଦାସ, ବିଦ୍ୟାଧର ବାରିକ୍ ସମ୍ପାଦକ ଭାବେ ଅବସର ପ୍ରାପ୍ତ ଶିକ୍ଷକ ଭାଗିରଥି ବାରିକ ଉପସ୍ଥିତ ଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରା ଯାଇଥିଲା । ବିଦ୍ୟାପୀଠର ଗୁରୁମା ମାନେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରିଥିଲେ । ବିଦ୍ୟାର୍ଥୀ ମାନେ ଶିକ୍ଷା ପ୍ରତି ଅନୁରାଗୀ ହେଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ହୋଇଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଅତିଥି ମାନେ ବିଦ୍ୟାଳୟ ବାର୍ଷିକ କ୍ରୀଡାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଗୁରୁମା ମଧୁସ୍ମିତା ଦାସ, ଗୁରୁମା' ବିଳାସିନୀ ସାହୁ, ଶୈଳସିନୀ ଦାସ, ସବିତା ଖଟୁଆ, ମିନୁ ଲତା ଖଟୁଆ, ବର୍ଷାରାଣୀ ସାହୁ, ଲିଜା ରାଣୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ସଭା ଶେଷ କରଣ ରେ ଖିରୋଦିନୀ ପାଣ୍ଡବ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମାରାଗୁଡ଼ା ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି

**ନୂଆପଡ଼ା,(ନି.ପ୍ର) :** ଜିଲାର ପରମ୍ପରା,ଐତିହ୍ୟ, କଳା, ସଂସ୍କୃତିକୁ ଉଜ୍ଜୀବିତ ରଖୁବା ପାଇଁ ଜିଲାସ୍ତରୀୟ ମାରାଗୁଡା ଲୋକ ମହୋତ୍ସବ ଏପ୍ରିଲ ପ୍ରଥମ ସପ୍ତାହରେ ମିନି ଷ୍ଟାଡ଼ିୟମଠାରେ ଆୟୋଜିତ ହେବାକୁ ଯାଉଥିବାବେଳେ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଶୁକ୍ରବାର ପ୍ରଚାର କମିଟି ସଦସ୍ୟ ସିମାଞ୍ଚଳ ମହାପାତ୍ରଙ୍କ ନେତୃତ୍ୱରେ ଏକ ଦଳ କେରମେଲି ପଞ୍ଚାୟତର ଗୋଳାବନ୍ଧ, ପେଠିଆପାଲି ଓ ମାରାଗୁଡା ଗାଁକୁ ଯାଇ ମହୋତ୍ସବର ପ୍ରଚାର ପ୍ରସାର ସହ ପୋଷ୍ଟର ମାଧ୍ୟମରେ ଲୋକଙ୍କୁ ବୁଝାଇଥିଲେ । ମାରାଗୁଡା ସଭ୍ୟତାକୁ ନେଇ ନୂଆପଡା ମହୋତ୍ସବ ମାରାଗୁଡା ଲୋକ ମହୋତ୍ସବ ନାମରେ ନାମିତ ହୋଇଛି । ଏହି ଅବସରରେ ମାରାଗୁଡା ଗାଁ ଠାରେ ଏକ ସଭା କରାଯାଇ ରାଜା ରାଜୁତି କାଳରେ ଚୌହାନ ବଂଶ ଓ ଶ୍ରୀରାମଙ୍କ ପୁତ୍ର କୁଶ ଏହି ଅଞ୍ଚଳରେ ରାଜୁତି କରୁଥିଲେ ବୋଲି ପ୍ରଚାର କମିଟି ସଦସ୍ୟ କହିଥିଲେ । ସେ ସମୟରେ କେତେକ କୀର୍ତ୍ତିରାଜି ପତୋରା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ଲୀନ ହୋଇ ଯାଇଛି ବୋଲି କହିଥିଲେ । ନୂଆପଡା ଜିଲା ସଦର ମହକୁମାଠାରେ ପ୍ରତିବର୍ଷ ଲୋକ ମହୋତ୍ସବ ହୋଇ ଆସୁଥିଲା । କୌଣସି କାରଣରୁ ୨୦୧୨ ଠାରୁ ଏହା ବନ୍ଦ ହୋଇଯାଇଥିଲା । ୧୨ ବର୍ଷ ପରେ ପୁଣି ହେଉଥିବାରୁ ଜିଲାବାସୀ ବେଶ ଖୁସି ଅଛନ୍ତି । ପ୍ରଚାର କମିଟି ସଦସ୍ୟ ଅଂଶୁମାନ ଅଗସ୍ତି, ରାହୁଳ ବାଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।



# ଜିଲ୍ଲା ପ୍ରଶାସନର ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଆଲୋଚନା



**ନୂଆପଡା,(ନି.ପ୍ର) :** ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଦେଶରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମାନେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହିତ ଆଲୋଚନା କରି ବୁଥ୍ ସ୍ତରୀୟ ସମସ୍ୟା ସବୁର ସମାଧାନ କରିବେ । ଏହି କ୍ରମରେ ଆଜି ନୂଆପଡା ଜିଲ୍ଲାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଆୟୋଜିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଭୀମସେନ ଶବର , ଅତିରିକ୍ତ ଜିଲ୍ଲାପାଳ ଏବଂ ଇ ଆର୍ ଓ ୭୨ ଖରୀଆର ସୁବାଷ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ଏବଂ ଇ ଆର୍ ଓ ୭୧ ନୂଆପଡା ଯୋଗେନ୍ଦ୍ର ମାଝୀ, ଡେପୁଟୀ କଲେକ୍ଟର ନିର୍ବାଚନ ଶେଖ୍ ନସିମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶବର ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ନିର୍ବାଚନ ପ୍ରକ୍ରିୟାରେ ବୁଥ ଲେଭେଲ୍ ଏଜେଣ୍ଟ, ପୋଲିଂ ଏଜେଣ୍ଟ, କାଉଣ୍ଟିଙ୍ଗ ଏଜେଣ୍ଟ, ଇଲେକ୍ସନ ଏଜେଣ୍ଟ ସମସ୍ତଙ୍କ ଗୁରୁ ଦାୟିତ୍ୱ ଥାଏ । ସେମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରିବାପାଇଁ ରାଜନୈତିକ ଦଳର କର୍ମକର୍ତ୍ତା ମାନଙ୍କ ଗୁରୁ ଦାୟିତ୍ୱ ରହିଛି । ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେଯେ ଗଣତନ୍ତ୍ରର ସଫଳତା ପାଇଁ ଜନସାଧାରଣଙ୍କ ସହଭାଗିତା ଆବଶ୍ୟକ । ଆଧାର ନମ୍ବର ସହିତ ସଂଯୋଗ ହୋଇ ସମସ୍ତ ଯୋଗ୍ୟ ମତଦାତା ମାନଙ୍କୁ ତୃଟିଶୁନ୍ୟ ଭୋଟର ପରିଚୟପତ୍ର ପ୍ରଦାନ କରାଯିବ । ବୁଥ ଲେଭେଲ୍ ଏଜେଣ୍ଟ ମାନେ ସଚେତନ ହେଲେ ତୃଟିଶୁନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇ ପାରିବ । ଏଥିପାଇଁ ସେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହଯୋଗ କାମନା କରିଥିଲେ । ଆଜି ବୈଠକରେ ଭାରତୀୟ ଜନତା ଦଳ ତରଫରୁ ପ୍ରଦୀପ କୁମାର ମହାପାତ୍ର, ଭାରତୀୟ ଜାତୀୟ କଂଗ୍ରେସରୁ ଦେବଦତ୍ତ ଦୀକ୍ଷିତ, ବିଜୁ ଜନତା ଦଳରୁ ରମାକାନ୍ତ ଠାର୍କୁ, ବହୁଜନ ସମାଜ ପାର୍ଟିରୁ କୁନ୍ତୀ ସାହୁ, ଆପ୍ ରୁ ଲକ୍ଷ୍ମୀକାନ୍ତ ତାଣ୍ଡି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଟ୍ରକ ଦୁର୍ଘଟଣାରେ ଜଣେ ମୃତ

**ଭାପୁର,(ନି.ପ୍ର) :** ଭାପୁର ବ୍ଲକ କଇଁ ଫୁଲିଆ ପଞ୍ଚାୟତ ଅନ୍ତର୍ଗତ ଦୁଆ ଡିଆ ଗ୍ରାମର ଜଣେ ଯୁବକ ଟ୍ରକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଘଟଣାରୁ ପ୍ରକାଶ ଦୁଆଡିଆ ଗ୍ରାମର ମହେଶ୍ୱର ବେହେରାଙ୍କ ପୁଅ ଭୀମସେନ ବେହେରା (୨୮) ନିଜ ଭାଇଙ୍କ ଟ୍ରକ ଗାଡି ନଂ (ଓଡି ୦୫ ବିଏ ୧୫୨୨) ରେ ସହ ଚାଳକ ଭାବେ କାମ କରୁଥିଲେ । ଉକ୍ତ ଟ୍ରକରେ ଭୀମସେନ ଲୁହା ରଡ ବୋଝେଇ କରି ଡ୍ରାଇଭର ସହ ବଲାଙ୍ଗିର ରୁ ବୌଦ୍ଧ ଅଭିମୁଖେ ଆସୁଥିଲେ । ମାତ୍ର, ଶନିବାର ସକାଳ ପ୍ରାୟ ୫ଘଟିକା ସମୟରେ ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଅନ୍ତର୍ଗତ ସାହାସପାଲ ଛକ ନିକଟରେ ଟ୍ରକ ଗାଡିର ଡ୍ରାଇଭର ଅସାବଧାନତା ବସତଃ ଏକ କୋଇଲା ବୋଝେଇ ଟ୍ରକର ପଛ ପଟକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଉକ୍ତ ଟ୍ରକ ର ସମ୍ମୁଖ ଭାଗ ଚୁରମାର ହୋଇଯାଇଥିବା



ବେଳେ ବାମ ପଟେ ବସିଥିବା ଭୀମସେନ ଚାପି ହୋଇ ରହି ଯାଇଥିଲେ । ଖବର ପାଇ ବାଉଁଶୁଣି ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଭୀମସେନ କୁ ଉଦ୍ଧାର କରି ବୌଦ୍ଧ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଟ୍ରକ ରେ ଚାପି ହୋଇ କଟି ଯାଇଥିବା ଦୁଇଟି ଯାକ ଗୋଡକୁ ସେଠାରେ କାର୍ଯ୍ୟରତ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ କୁ ଆସ୍ତୋପଚାର କରିବା ନିମନ୍ତେ ସ୍ଥାନତରିତ କରିଥିଲେ । ଭୀମସେନ କୁ ଗୁରୁତର ଅବସ୍ଥାରେ ବୌଦ୍ଧ ରୁ ଭୁବନେଶ୍ୱର ଆମ୍ବୁଲାନ୍ସ ଯୋଗେ ଆସୁଥିବା ସମୟରେ ନୟାଗଡ ନିକଟରେ ଚେତା ଶୂନ୍ୟ ହୋଇ ପଡ଼ିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ନିକଟସ୍ଥ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ । କିନ୍ତୁ, କାର୍ଯ୍ୟରତ ଡାକ୍ତର ଭୀମସେନକୁ ମୃତ ଘୋଷଣା କରିଥିଲେ । ଭୀମସେନ ର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଗ୍ରାମବାସୀ ମାନେ ଶୋକକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଭୀମସେନ ର ଅନ୍ତିମ ସତ୍କାର କରିଥିଲେ । ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ କୋଇଲା ବୋଝେଇ ଟ୍ରକ ଟି ମଧ୍ଯ ଘଟଣା ସ୍ଥଳରୁ ଚାଲି ଯାଇଥିଲା ।

# ମାନସିକ ବିକାରଗ୍ରସ୍ତ ଯୁବକ ଉଦ୍ଧାର

**ପାଣିକୋଇଲି,(ନି.ପ୍ର) :** ବିକାରଗ୍ରସ୍ତ ଯୁବକକୁ ପୁଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପ୍ରକାଶଯେ ପଟ୍ଟାମୁଣ୍ଡାଇ ଥାନା ମାଟିଆ ଗ୍ରାମର ଅନନ୍ତ ମଲିକଙ୍କ ସାନପୁଅ ଶିବ ପ୍ରସାଦ (୨୨)ଜଣେ ମାନସିକ ବିକାରଗ୍ରସ୍ତ ଯୁବକ । କୌଣସି କାରଣରୁ ସେ କିଭଳି ନିଜ ଗ୍ରାମରୁ ଗତ ସୋମବାର ସନ୍ଧ୍ୟାରେ ସାଇକେଲ ଧରି ଘରୁ ପଳାଇ ଆସିଥିଲା । ପରିବାର ଲୋକମାନେ ବହୁତଖୋଜାଖୋଜି ପରେ ତାର କୌଣସି ପତ୍ତା ମିଳିନଥିଲା । ଅନନ୍ତ ପାଣିକୋଇଲିରେସ୍ଥାନୀୟ



ଲୋକମାନଙ୍କୁ ପୁଅର ଫଟୋ ଦେଖାଇ ଖୋଜୁଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ପାଣିକୋଇଲି ଥାନାଧୀକାରୀ ରଞ୍ଜିତ ମହାନ୍ତିଙ୍କ ନିକଟକୁ ନେଇଯାଇଥିଲେ । ଶ୍ରୀ ମହାନ୍ତି ବିଭିନ୍ନ ଥାନାସହିତ ଯୋଗାଯୋଗ କରିବାରୁ ଶିବ କୋରାଇ ଥାନା ଦ୍ୱାରା ଉଦ୍ଧାର ହୋଇ ଚିକିତ୍ସିତହେଉଥିବା ଖବର ପାଇଥିଲେ । ଏ ନେଇ ପାଣିକୋଇଲି ଥାନାଧିକାରୀ କୋରାଇ ଥାନାଧିକାରୀ ରାକେଶ ତ୍ରିପାଠୀ ଓ ପାଣିକୋଇଲିର ସ୍ୱେଚ୍ଛାସେବୀ ସଙ୍ଗଠନ ଆମେଆପଣଙ୍କ ପାଇଁ ହେଲଫି ଗ୍ରୁପର ସହାୟତା ନେଇଥିଲେ । ଗ୍ରୁପର ଉପଦେଷ୍ଟା ତାରିଣୀକୁମାର ପଟ୍ଟନାୟକ, ସଭାପତି ଅଶୋକ କୁମାର ଦାସ, କୋଷାଧକ୍ଷ ହରେକୃଷ୍ଣ ସାହୁସଦସ୍ୟ ବିଶ୍ୱଜିତ ଦାସ ପ୍ରମୁଖ ଅନନ୍ତଙ୍କୁ କୋରାଇ ଥାନାକୁ ନେଇଥିଲେ କ୍ଷ କୋରାଇର ବିଶ୍ୱାସ ପରିବାରର ସଦସ୍ୟ ମାନେ ଗ୍ରୁପର ସୁନୀଲ କୁମାର ଓଝା, ସମ୍ପାଦକ ଶିବ ପ୍ରସାଦ ସାହୁ ଗ୍ୟାଶୁଦ୍ଦିନ ଖାଁ. ସଲମାନ ଖାଁ ପ୍ରମୁଖ ସହଯୋଗ କରିଥିଲେ । ଅନନ୍ତଙ୍କ ବଡ଼ପୁଅ ଶୁକ୍ରବାର ସକାଳୁଆସି ଶିବ ଓ ବାପା ଅନନ୍ତଙ୍କୁ ନିଜ ଘରକୁ ନେଇଯାଇଥିଲେ ।

# ଡ. ନାରାୟଣ ମହାପାତ୍ରଙ୍କୁ 'ଡ଼ ଅବଦୁଲ କଲାମ ଇଣ୍ଡିଆନ ଆଇକନ ଆୱାର୍ଡରେ ସମ୍ମାନୀତ

**ଭୁବନେଶ୍ୱର, (ନି.ପ୍ର) :** ସାମାଜ ସେବା ନିମନ୍ତେ ଡ ନାରାୟଣ ମହାପାତ୍ର ଙ୍କୁ'ଡ଼ ଅବଦୁଲ କଲାମ ଇଣ୍ଡିଆନ ଆଇକନ ଆୱାର୍ଡ ରେ ସମ୍ମାନୀତ କରା ଯାଇଛି-ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ ନାରାୟଣ




ମହାପାତ୍ର ଡ଼ ଅବଦୁଲ କଲାମ ଇଣ୍ଡିଆନ ଆଇକନ ଆୱାର୍ଡ ରେ ରେ ସମ୍ବର୍ଦ୍ଧିତ ହୋଇଛନ୍ତି , ଟ୍ରଷ୍ଟ ପକ୍ଷରୁ ସମାଜ ରେ ଅବହେଳିତ ବରିଷ୍ଠ ନାଗରିକଙ୍କ ଓ ଅବହେଳିତ ଛୋଟ ପିଲାମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଓ କିଛି ସମୟ ସେମାନଙ୍କ ସଙ୍ଗେ ରହି ଖୁସି ଓ ଶାନ୍ତି ବାଣ୍ଟିବା, ଟ୍ରଷ୍ଟ ପକ୍ଷରୁ ବର୍ଷ ର ବିଭିନ୍ନ ସମୟରେ ବୃକ୍ଷ ରୋପଣ ଓ ରକ୍ତ ଦାନ ସଂଗ୍ରହ ଶିବିର ମଧ୍ୟ କରାଯାଇ ଥାଏ, ଏହି ସମ୍ମାନ ଆମର ସେବା କାର୍ଯ୍ୟ କୁ ପ୍ରେରଣା ଦେବା ସହ ଅନୁଷ୍ଠାନକୁ ଆହୁରି ଆଗେଇ ନେବାକୁ ସାହାଯ୍ୟ କରିବ,ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଓ ଅନ୍ୟ ମାନଙ୍କୁ ଆମେ ବହୁତ ବହୁତ ଧନ୍ୟବା ଦଜଣାଉଛୁ,ଡ଼ ନାରାୟଣ ମହାପାତ୍ର ।

### ମ୍ୟୁଚୁଆଲ ଫଣ୍ଡରେ ନିବେଶ କରୁଥିଲେ ସାବଧାନ !

# ବନ୍ଧାହେଲେ ବ୍ୟାଙ୍କ ପରିଚାଳକ

**କଟକ,(ନି.ପ୍ର) :** ମ୍ୟୁଚୁଆଲ୍ ଫଣ୍ଡରେ ଟଙ୍କା ଲଗାଉଥିଲେ ସାବଧାନ ! ବିଶେଷକରି ଅନ୍ୟ କାହା କଥାରେ ପ୍ରଲୋଭିତ ହୋଇ ଯଦି ଟଙ୍କା ନିବେଶ କରୁଛନ୍ତି, ତେବେ ସତର୍କ ହୋଇଯାଆନ୍ତୁ। ନଚେତ୍ ଆପଣ ଫସି ଯାଇପାରନ୍ତି । ନିବେଶ ଆଳରେ ତିନି ଜଣ ବରିଷ୍ଠ ଗ୍ରାହକଙ୍କ ଠାରୁ ୧ କୋଟି ୫୮ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ଜଣେ ବ୍ୟାଙ୍କ ପରିଚାଳକଙ୍କୁ ଗିରଫ କରିଛି କଟକ ଲାଲବାଗ ଥାନା ପୋଲିସ । ଅଭିଯୁକ୍ତ ଜଣକ ନାଁ ଆଶିଷ ଜେନା ଘର ଜଗତସିଂହପୁର ଜିଲ୍ଲା ବାଲିକୁଦା ମାଛଗାଁ ଆସିଲୋ ଗ୍ରାମରେ । ଏନେଇ କଟକ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି,'ଅଭିଯୋଗ ମୁତାବକ ଭୁବନେଶ୍ୱର ବାସିନ୍ଦା ୭୦ ବର୍ଷୀୟ ବୟସ୍କା ନିବେଦିତା ଗୁରୁଙ୍କ ସହ କଟକ ମର୍କତନଗର ସ୍ଥିତ ଘରୋଇ ବ୍ୟାଙ୍କର ବିଡାନାସୀ ଶାଖାରେ ରିଲେସନସିପ ପରିଚାଳକ ଆଶିଷ ସହ ଗତବର୍ଷ ପରିଚୟ ହୋଇଥିଲା । ନିବେଦିତା କିଛି ଜମି ବିକ୍ରି କରିଥିଲେ ଏବଂ ସେହି ଜମି ବାବଦରେ ତାଙ୍କ ୭୦ଲକ୍ଷ ଟଙ୍କା ତାଙ୍କୁ ମିଳିଥିଲା। ଏହି ଟଙ୍କାକୁ ସେ ଅଭିଯୁକ୍ତ ଆଶିଷଙ୍କ ବ୍ୟାଙ୍କରେ ଜମା କରିବାକୁ ନିଷ୍ପତ୍ତି ନେଇଥିଲେ। ଏବଂ ସେ ଟଙ୍କା ଧରି ଆଶିଷଙ୍କ ନିକଟରେ ପହଞ୍ଚିଥିଲେ । ତାଙ୍କଠାରୁ ସବୁକଥା ଶୁଣିବା ପରେ ଆଶିଷ ତାଙ୍କୁ ବ୍ୟାଙ୍କରେ ଉକ୍ତ ଟଙ୍କା ଜମା ପରିବର୍ତ୍ତେ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲା । ମାତ୍ର ୫ ବର୍ଷରେ ୮୮ଲକ୍ଷ ଟଙ୍କା ମିଳିବ ବୋଲି କହିଥିଲା । ଫଳରେ ଏହି କଥାକୁ ବିଶ୍ୱାସ କରି ନିବେଦିତା ଆଣିଥିବା ୭୦ଲକ୍ଷ ଟଙ୍କା ତାଙ୍କୁ ଦେଇଥିଲେ । କିଛି ମାସ ପରେ ଏକ ବୀମା କମ୍ପାନୀରୁ ବାର୍ଷିକ ପ୍ରିମିୟମ ତୁରନ୍ତ ପୈଠ ନକରିଲେ ମୂଳଜମା ରାଶି ୩୫ ଲକ୍ଷ ଟଙ୍କା ଫେରସ୍ତ ମିଳିବନି ବୋଲି ତାଙ୍କୁ ଫୋନ ଆସିଥିଲା । ଏହା ପରେ ଠକେଇର ଶିକାର ହୋଇଥିବା ଜାଣି ନିବେଦିତା ଲାଲବାଗ ଥାନାରେ ଏତଲା ଦେଇଥିଲେ ।' ସେ ଆହୁରି ମଧ୍ୟ କହିଛନ୍ତି,'ତଦନ୍ତ ସମୟରେ ବ୍ୟାଙ୍କ କର୍ମଚାରୀ ଆଶିଷ ହିଁ ଠକେଇର ମୁଖ୍ୟ ହୋଇଥିବା ଜଣାପଡ଼ିଲା । ସେବା ଯୋଗାଇବା ଆଳରେ ବରିଷ୍ଠ ଗ୍ରାହକଙ୍କୁ ଠକୁଥିଲା । ଏହି କ୍ରମରେ ନିବେଦିତାଙ୍କ ଠାରୁ ସେ ନେଇଥିବା ୭୦ ଲକ୍ଷକୁ ମ୍ୟୁଚୁଆଲ ଫଣ୍ଡ ବଦଳରେ ୩୫ଲକ୍ଷ ଟଙ୍କା ଏକ ବୀମା ସଂସ୍ଥାରେ ଲଗାଇଥିଲା । ବାକି ୩୫ଲକ୍ଷ ସେ ଠକି ନେଇଥିଲା । କେବଳ ନିବେଦିତା ନୁହଁନ୍ତି ଆଉ ଦୁଇ ବରିଷ୍ଠ ନାଗରିକଙ୍କୁ ମଧ୍ୟ ସମାନ ତରିକାରେ ଆଶିଷ ୮୨ ଲକ୍ଷ ଓ ୬ ଲକ୍ଷ ଟଙ୍କା କରି ମୋଟ ୧ କୋଟି ୫୮ ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡ଼ିଥିଲା । ଏହି ଠକେଇ ଟଙ୍କାରେ ସେ ଏକାଧିକ ଥର ବିଦେଶ ଭ୍ରମଣ କରିବା ସହିତ ପ୍ରତିଷ୍ଠିତ ହୋଟେଲରେ ରହିବା, ଖାଇବା ଏବଂ ଏକ ଦାମୀ କାର କିଣିଥିବା ଜଣାପଡ଼ିଥିଲା ।' ବର୍ତ୍ତମାନ ଆଶିଷ ଲିଙ୍କ୍ ରୋଡ ସ୍ଥିତ ଏକ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଜଣାପଡ଼ିବା ପରେ ପୋଲିସ ସେଠାରେ ଚଢ଼ଉ କରି ତାକୁ ଗିରଫ କରିଛି। ଅଧିକ ଖୋଳତାଡ଼ ପରେ ତା' ନାମରେ ୬ଟି ବ୍ୟାଙ୍କ ଆକାଉଣ୍ଟ ରହିଥିବା ଜଣାପଡ଼ିବା ପରେ ପୋଲିସ ତାକୁ ଅଚଳ କରିଛି । ତା' ପାଖରୁ ଏକ କାର, ୨ଟି ମୋବାଇଲ, ଲାପଟପ ଜବତ କରାଯାଇଛି। ବଡ଼ କଥା ହେଉଛି ଏହି ଟଙ୍କାରେ ସେ ବିଳାସପୂର୍ଣ୍ଣ ଜୀବନ ବିତାଉଥିଲା । ଏବଂ ସେ ବିଦେଶ ଯାଇ ଉପଭୋଗ କରୁଥିଲା ବୋଲି କଟକ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି ।

# ଦୁଇଦିନ ହେଲାଣି ନିଆଁ ଲାଗି ହୁ ହୁ ହୋଇ ଜଳୁଛି ଜଙ୍ଗଲ



**କଳାହାଣ୍ଡି, (ନି.ପ୍ର) :** ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗରମର ପ୍ରକୋପ ତୁହାକୁ ତୁହା ବଢୁଥିବା ହେତୁ ଜନ ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି । ସରକାର ଏଥିପାଇଁ ବିଭିନ୍ନ ଆନୁଷଙ୍ଗିକ ପନ୍ଥା ଅବଲମ୍ବନ କରିବା ସହ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଗରମ ଦିନେ ଜଙ୍ଗଲ ରେ ନିଆଁ ଲାଗିବାର ଆଶଙ୍କା ଥିବାରୁ ନିଆଁ ଦାଉରୁ ବଞ୍ଚାଇବା ପାଇଁ ଜାଗା ଜାଗାରେ ସଚେତନତା ବାର୍ତ୍ତା ଦିଆଯାଏ । କିନ୍ତୁ ଜଙ୍ଗଲରେ ନିଆଁ ଲାଗିଲେ ବନ ବିଭାଗର ନିଘା ନଥାଏ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କେଗାଁ ରେଞ୍ଜ ଅଧିନସ୍ତ ଗୋଲାମୁଣ୍ଡା ବିଟ ବନପାଳ ଙ୍କ ଅଧୀନରେ ଆସୁଥିବା ଡୁଡୁକେଲ, ମୁକୁନ୍ଦପୁର , ବୈଜଲପୁର ଏବଂ ସୁକୁନୀମୁଣ୍ଡା ମଧ୍ୟ ଭାଗରେ ଥିବା ଅଡ଼ାବୋରି ପାହାଡ଼ ଦୁଇ ଦିନ ହେଲାଣି ନିଆଁ ଲାଗି ହୁ ହୁ ହୋଇ ଜଳି ବହୁ ମୂଲ୍ୟ ପର୍ଯ୍ୟାପ୍ତ ଗଛ ଲତା ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ଅନେକ ଜୀବ ଜନ୍ତୁ, ସରୀସୃପ ଜୀବନ ବିକଳରେ ଗାଁ ମୁହାଁ ହେବା କଥା ଲୋକେ କହନ୍ତି । ବଡ଼ କଥା ହେଉଛି ନିଆଁ ଲାଗିଥିବା ଜଙ୍ଗଲ ମାତ୍ର ୫ କିଲୋ ମିଟର ଦୂରତା ରେ ଅଛି ବନପାଳ ଙ୍କ ଅଫିସ ଗୃହ । କିନ୍ତୁ କୌଣସି ବିଭାଗୀୟ କର୍ମଚାରୀ ଆସିନଥିବା ଜନସାଧାରଣରେ ଉଦବେଗ ପ୍ରକାଶ ପାଇଛି । ବିଭାଗ ର ଏପରି ନିଜ କର୍ତ୍ତବ୍ୟ ପ୍ରତି ଅବହେଳା କୁ ଦାୟିତ୍ୱ ହୀନତା ର ପରିଚୟ ର ସ୍ପଷ୍ଟ ବାରି ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ର ସାପେକ୍ଷ ହେବା କଥା ସାଧାରଣ ରେ ଦାବି ହେଉଛି।

## ହାଇକୋର୍ଟ ବିଚାରପତି ଓ ଆଇନଜୀବୀ ଖେଳିଲେ କ୍ରିକେଟ୍

**କଟକ,(ନି.ପ୍ର) :** କଟକ ବାରବାଟୀ ଷ୍ଟାଡ଼ିୟମରେ ହାଇକୋର୍ଟ ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ହୋଇଯାଇଛି । ହାଇକୋର୍ଟ କାର୍ଯ୍ୟକାରୀ ବିଚାରପତି ଏକାଦଶ ଓ ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ଏକାଦଶ ମଧ୍ୟରେ ଆୟୋଜିତ ଏହି ମ୍ୟାଚ୍‌ରେ ଆଇନଜୀବୀ ଏକାଦଶ ବିଜୟୀ ହୋଇଛି । ପ୍ରଥମେ ବ୍ୟାଟିଂ କରି ବିଚାରପତି ଏକାଦଶ ୨୨ ଓଭରରେ ୧୩୫ ରନ୍ କରିଥିବା ବେଳେ, ବାର୍ ଆସୋସିଏସନ୍ ସଭାପତି ଏକାଦଶ ୨୨ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା ।

## ଏମପିସି କଲେଜରେ ବିଶ୍ୱ କବିତା ଦିବସ ପାଳିତ

**ବାରିପଦା,(ନି.ପ୍ର) :** ସ୍ଥାନୀୟ ଏମ. ପି. ସି. ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି । ଇଉନେସ୍କୋ ପକ୍ଷରୁ ୧୯୯୯ ମସିହାରୁ ମାର୍ଚ୍ଚ ୨୧ ତାରିଖକୁ ବିଶ୍ୱ କବିତା ଦିବସର ମାନ୍ୟତା ଦିଆଯାଇଛି. ଏହି ପରିପ୍ରେକ୍ଷୀରେ ଏ ବର୍ଷର ଥିମ 'ଶାନ୍ତି ଓ ସମ୍ପର୍କ ସ୍ଥାପନରେ କବିତା ଏକ ସେତୁ' କୁ ନେଇ ବିଭାଗୀୟ ମୁଖ୍ୟ ଡ. ରୀନା ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଅଧ୍ୟାପିକା ଛନ୍ଦିତା ବିଶ୍ୱାଳ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କବିତା ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସମାଜରେ ଶାନ୍ତି ଓ ସମ୍ପର୍କ ସ୍ଥାପନ ଦିଗରେ କବିତା ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଅଧ୍ୟାପକ ଡ. ଦୟାନିଧି ପରିଡ଼ା ସଭା ପରିଚାଳନା କରିଥିବା ବେଳେ, ଅଥିତି ମାନଙ୍କ ସହ ଛାତ୍ର ବିଭୀଷଣ ବେହେରା, ଇନ୍ଦ୍ରଜିତ ନାୟକ, ଦେବାଶିଷ ବେହେରା, ରବିନ୍ଦ୍ର ଖଣ୍ଡେଇ, ବଳଭଦ୍ର ସେନାପତି ଏବଂ ଛାତ୍ରୀ ଗୀତାଞ୍ଜଳି ସେଠ ପ୍ରମୁଖ କବିତା ପାଠ କରିଥିଲେ । ଉଭୟ ୟୁ ଜି ଏବଂ ପିଜି ଶ୍ରେଣୀର ବହୁ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ, ଅଧ୍ୟାପକ ଅଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



# ଶହ ଶହ ଲୋକଙ୍କ ପାଇଁ ରୁଟି କରୁଛି ମେସିନ

### ଗୁଜୁରାଣ ମେଣ୍ଟାଉଛନ୍ତି ଗୋଟିଏ ପରିବାର

**କଟକ,(ନି.ପ୍ର) :** ଦୈନନ୍ଦିନ ଜୀବନରେ ପ୍ରମୁଖ ସ୍ଥାନ ନେଇଗଲାଣି ରୁଟି। ଯଦିଓ ଏହା କେବେ ଉତ୍ତର ଭାରତୀୟଙ୍କ ପ୍ରମୁଖ ଖାଦ୍ୟ ଥିଲା, କିନ୍ତୁ ଏବେ ଓଡ଼ିଶାର ପ୍ରାୟ ଅଧିକାଂଶ ଲୋକଙ୍କ ବିଶେଷ କରି ସହର ବାସୀଙ୍କ ଡିନର ପାଇଁ ଆବଶ୍ୟକ ପଡୁଛି ରୁଟି । କଟକ ସହରରେ ଏମିତି ଗୋଟିଏ ସ୍ଥାନକୁ ଆଜି ଯିବା, ଯେଉଁଠି ମେସିନରେ ରୁଟି ପ୍ରସ୍ତୁତ କରୁଛନ୍ତି ପୁରା ପରିବାର । ଏହି ରୁଟି ମେସିନ ତାଙ୍କୁ ଦେଉଛି ରୋଜଗାର । କଟକ ଶେଖ ବଜାର ଛକ ନିକଟରେ ଗଢି ଉଠିଥିବା ଏହି କ୍ଷୁଦ୍ର ଉଦ୍ୟୋଗଟି ଏବେ ଶହ ଶହ ଲୋକଙ୍କର ଆବଶ୍ୟକତାକୁ ପୂରଣ କରୁଛି ।ଯେଉଁ ଉଦ୍ୟୋଗ ଜରିଆରେ ଦୈନିକ ପ୍ରସ୍ତୁତ ହେଉଛି ପ୍ରାୟ ୫ ରୁ ୬ ହଜାର ସଂଖ୍ୟାରେ ରୁଟି। ଏହି ରୁଟି କାରଖାନାକୁ ଅନାଇ ବସିଥିବା ଗ୍ରାହକ ମାନେ ହେଉଛନ୍ତି ଭିନ୍ନ ଭିନ୍ନ ପ୍ରକାରର। କଟକ ସହରରେ ରହି ପାଠ ପଢୁଥିବା ଯୁବଗୋଷ୍ଠୀଙ୍କ ଭିତରୁ ଅଧିକାଂଶ ଏହି ସ୍ଥାନଟି ଉପରେ ନିର୍ଭରଶୀଳ। ପୁଣି ବିଭିନ୍ନ ହଷ୍ଟେଲ, ମେସ, ଘରୋଇ ଡାକ୍ତରଖାନା ପାଇଁ ମଧ୍ୟ ଏହିଠାରୁ ରୁଟି ଯୋଗାଇ ଦିଆଯାଉଛି। ଆଉ କେବେ କେବେ ସହର ବାସିନ୍ଦା ମଧ୍ୟ ପରିବାରର ଆବଶ୍ୟକତା ପାଇଁ ଏଠାକୁ ଧାଇଁ ଆସନ୍ତି। ଶେଖ ବଜାର ଛକ ନିକଟରେ ଗଢି ଉଠିଥିବା ଏହି କ୍ଷୁଦ୍ର ଉଦ୍ୟୋଗ ପୂର୍ବରୁ ଅଟା କଳ ଭାବେ ପରିଚିତ ଥିଲା। ଯାହାର ପରିଚାଳନା କରୁଥିଲେ ଲାଲା ଦିଲ୍ଲୀପ କୁମାର ରାୟ। ପରେ କିନ୍ତୁ ଅଟାକଳ ସହିତ ଯୋଡି ହୋଇଗଲା ଅଟୋମେଟିକ ରୁଟି ମେକର ମେସିନ। ଯାହାକୁ ଚଳାଇବାରେ ଲାଲା ଦିଲ୍ଲୀପଙ୍କ ପୁରା ପରିବାର ସହଯୋଗ କରନ୍ତି। ନିଜର ୨ ଭାଇ ଏବଂ ଉଚ୍ଚ ଶିକ୍ଷିତା ଝିଅକୁ ସାଙ୍ଗରେ ନେଇ ଦିଲ୍ଲୀପ ୩ ବର୍ଷ ତଳେ ଏହି ଉଦ୍ୟୋଗର ସ୍ଥାପନା କଲେ। ସେବେଠାରୁ ଏବେ ପର୍ଯ୍ୟନ୍ତ କେବେ ହେଲେ ରୁଟି ପାଇଁ କେହି ତାଙ୍କ ଦୋକାନ ଆଗରୁ ଫେରି ନାହାନ୍ତି। କହିବାକୁ ଗଲେ ରାୟ ପରିବାର, ନିଜର ଏହି ବ୍ୟବସାୟକୁ ନେଇ ଖୁବ ଖୁସି, କାରଣ ସେମାନଙ୍କ ପରିବାର ପ୍ରତିପୋଷଣ ଲାଗି ଯାହାବି କିଛି ଆବଶ୍ୟକ, ତାହା ଏହି ଲଘୁ ଉଦ୍ୟୋଗ ପୂରଣ କରୁଛି । କଟକ ସହରରେ ଏଭଳି ଅନେକ କ୍ଷୁଦ୍ର ଉଦ୍ୟୋଗ ଅଛି ଯାହା ଜରିଆରେ ଶହ ଶହ ପରିବାର ଗୁଜରାଣ ମେଣ୍ଟାଉଛନ୍ତି । କିନ୍ତୁ ନୂତନ ଜ୍ଞାନ କୌଶଳକୁ ଆପଣେଇ ପୁରା ପରିବାରକୁ ଏକାଠି ରଖି ଗୋଟିଏ ଉଦ୍ୟୋଗ ଚଳାଇବା ଏତେ ସହଜ ନୁହେଁ ।

## ଶିଶୁ ଭବନ ନୂଆ କୋଠାରେ ଲିଫ୍ଟ ବିଭ୍ରାଟ

### ଅଧଘଣ୍ଟା ଫସିରହିଲେ ଯୁବକ

**କଟକ,(ନି.ପ୍ର) :** ଶିଶୁ ଭବନ ନୂଆ କୋଠାରେ ଲିଫ୍ଟ ବିଭ୍ରାଟ । ଲିଫ୍ଟ ମଝିରେ ଅଟକି ଯିବାରୁ ଅଧଘଣ୍ଟା କାଳ ଲିଫ୍ଟରେ ଫଶି ରହିଲେ ଯୁବକ । ଲିଫ୍ଟରେ ଲୋକ ଫସି ରହିଲେ ସହାୟତା ପାଇଁ ଥିବା ଏମର୍ଜେନ୍ସି ଆଲାର୍ମ ମଧ୍ୟ କାମ କରିନଥିଲା। ଫଳରେ ଅଧଘଣ୍ଟା ଧରି ଯୁବକ ଜଣକ ଲିଫ୍ଟରେ ଫଶି ରହିଥିଲେ । ଉପସ୍ଥିତ ଲୋକଙ୍କ ବହୁ ପ୍ରୟାସ ପରେ ଲିଫ୍ଟରୁ ଯୁବକ ଜଣଙ୍କ ଉଦ୍ଧାର ହୋଇଛନ୍ତି। ତେବେ ଏହି ନୂଆ କୋଠା ଓ ଲିଫ୍ଟ ସେବା ମାତ୍ର ମାସେ ତଳେ ଆରମ୍ଭ ହୋଇଛି ।

## ବିହାର ଦିବସ ୨୦୨୫ : ସ୍ନେହ ମିଳନ କାର୍ଯ୍ୟକ୍ରମ

**କଟକ,(ନି.ପ୍ର) :** ରାଜା ରାଜୁଡା ଅମଳରୁ ଓଡ଼ିଶା ଏବଂ ବିହାର ମଧ୍ୟରେ ସାମାଜିକ ସମ୍ପର୍କ ରହି ଆସିଛି । ଯାହା ଏବେ ଆହୁରି ମଜଭୁତ ହୋଇ ପାରିଛି । କଟକ ସହରରେ ରହୁଥିବା ମୈଥିଳି ଭାଷାଭାସୀ ଲୋକଙ୍କୁ ନେଇ ପାଳିତ ହୋଇଛି ସ୍ନେହ ମିଳନ କାର୍ଯ୍ୟକ୍ରମ । ବିଜେପି କଟକ ନଗର ଶାଖା ଜରିଆରେ ପାଳିତ ହୋଇଥିବା ଏହି ବିହାର ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଏହା କହିଛନ୍ତି । ବିହାର ସରକାରଙ୍କ ମନ୍ତ୍ରୀ କ୍ରୀଷ୍ଣା କୁମାର ମନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ କଟକି ଭାଇଚାରା ଉପରେ ଆଲୋକପାତ କରିଛନ୍ତି । ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

## ପାଇକେରାପୁରରେ ଅଷ୍ଟ ପ୍ରହର ନାମ ଯଜ୍ଞ



**ଚଣ୍ଡିଖୋଲ, (ନି.ପ୍ର) :** ସୋଲର ପଞ୍ଚାୟତ ପାଇକେରାପୁର ଦଳିତ ସାହି ମା ଶୀତଳ ବାସନ୍ତୀ ଙ୍କ ବିଜେସ୍ଥଳୀ ଠାରେ ତିନି ଦିନ ବ୍ୟାପି ଗ୍ରାମ ର ବାର୍ଷିକ ଅଷ୍ଟ ପ୍ରହର ନାମ ଯଂଜ୍ଞ ଅନୁଷ୍ଠିତ ହୋଇଯାଇଅଛି।୧୬ଗୋଟି ସଂକୀର୍ତନ ମଣ୍ଡଳୀ ଏହି ନାମ ଯଂଜ୍ଞ ରେ ଯୋଗଦାନ କରିଛନ୍ତି। ପୂଜକ ରାଧୁ ଦାସ ବେଦ ମନ୍ତ୍ର ଉଚ୍ଚାରଣ କରୁଥିବା ବେଳେ ରମେଶ ମଲିକ କର୍ତା ଭାବେ ଦଧି ହାଣ୍ଡି ଧାରଣ କରିଛନ୍ତି। ଦୁଇ ଦିନ ବ୍ୟାପି ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଅଛି, ବିଜୟ ମଲିକ, ଅରୁଣ ମଲିକ,ତପନ ମଲିକ, ଦିପୁନା ମଲିକ, ସଞ୍ଜୟ, ମଲିକ, କାଳନ୍ଦୀ ମଲିକ, ଅକ୍ଷୟ ମଲିକ,ସନିଆ ମଲିକ, ପ୍ରଫୁଲ୍ଲ ମଲିକ, ଦୁର୍ଯ୍ୟୋଧନ ମଲିକ, ବାପି ମଲିକ,ଅଜୟ ମଲିକ,ତପନ ମଲିକ ଓ ବାହୁଡ଼ା ମଲିକ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରୁଥିବା ବେଳେ ସମସ୍ତ ଗ୍ରାମ ବାସି ଏଥିରେ ସହଯୋଗ କରୁଥିବା ଦେଖିବାକୁ ମିଳିଛି ।ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଆଜି ଯୋଗଦାନକରି ଗ୍ରାମ ବାସୀଙ୍କୁ ଉତ୍ସାହିତ କରିଥିଲେ।

## ହିନ୍ଦୀ ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



**ଚଣ୍ଡିଖୋଲ, (ନି.ପ୍ର) :** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ସିହା ସ୍ଥିତ ଭଗବତୀ ଉଚ୍ଚ ବିଦ୍ୟାଳୟ ର ହିନ୍ଦୀ ଶିକ୍ଷକ କେଶବ ଚନ୍ଦ୍ର ସାହୁ ଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ ବସନ୍ତ କୁମାର ରାଉତ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅବସର ପ୍ରାପ୍ତ ରାଜ୍ୟ ହିନ୍ଦୀ ଶିକ୍ଷକ ସଙ୍ଘ ର ସଭାପତି ରବୀନ୍ଦ୍ର ଶତପଥୀ, ପୂର୍ବତନ ବଡ଼ଚଣା ପଞ୍ଚାୟତ ସମିତି ଅଦକ୍ଷ ନିରଞ୍ଜନ ସାହୁ, ଓଷ୍ଟା ସଂଘ ର ବଡ଼ଚଣା ସଭାପତି ଦୟାନିଧି ସାମଲ, ସତ୍ୟବାଦୀ ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ଭାଗ୍ୟଧର ସାହୁ, ଅବସର ପ୍ରାପ୍ତ ବ୍ଲକ ସହ ଶିକ୍ଷା ଅଧିକାରୀ ନୀଳାମ୍ବର ମିଶ୍ର, ଡ଼ କୃଷ୍ଣ ଚନ୍ଦ୍ର ରାୟ,ଅବସର ପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ସାହୁ, ବଡ଼ଚଣା ପ୍ରାଥମିକ ଶିକ୍ଷକ ସଙ୍ଘ ର ସଭାପତି ସନ୍ତୋଷ ଜେନା, ସମ୍ପାଦକ ପ୍ରଶାନ୍ତ ବେହେରା, ଶିକ୍ଷକ କିଶୋର ନାୟକ ପ୍ରମୁଖ ଯୋଗଦେଇ ଅବସର ପ୍ରାପ୍ତ ହିନ୍ଦୀ ଶିକ୍ଷକ କେଶବ ଚନ୍ଦ୍ର ସାହୁ ଙ୍କ ଗୁଣ ଗାନ କରିବା ସହ ତାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ବିଦାଇ କାଳୀନ ସମ୍ବର୍ଦ୍ଧନା କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ମଦନ ସେଠ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଜୟନ୍ତ ସାହୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟଧାମ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୩ତମ ବାର୍ଷିକ ଉତ୍ସବ ପାଳନ



**ଚାନ୍ଦବାଲି, (ନି.ପ୍ର) :** ଚାନ୍ଦବାଲି ବ୍ଲକରେ ପ୍ରମୁଖ ଶିକ୍ଷା ଅନୁଷ୍ଠାନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଦିବ୍ୟାଧାମରେ ୩୩ ତମ ବାର୍ଷିକ ଉତ୍ସବ ଶିକ୍ଷା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଏହି ବାର୍ଷିକ ଉତ୍ସବରେ ଶିକ୍ଷା କେନ୍ଦ୍ରର ସଭାପତି ନିମାଇଁ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଡିଓ ସଂଜୀବ କୁମାର ମହାପାତ୍ର, ମୁଖ୍ୟ ବକ୍ତା ମତୋ ମହାବିଦ୍ୟାଳୟର ଅଧକ୍ଷ ବିଭୁତି ଭୂଷଣ ଜୟଦେବ ବିଶ୍ୱାଳ ଓ ଶିକ୍ଷା କେନ୍ଦ୍ରର ଅଧକ୍ଷ ଅକ୍ଷୟ କୁମାର ନାୟକ, ସମ୍ପାଦକ ନରେନ୍ଦ୍ର ନାଥ ଯତି, ରଜନୀ ମହାନ୍ତି, ନିମାଇଁ ମହାନ୍ତି,ନିରୁପମା ନାୟକ ପ୍ରମୁଖ ଯୋଗ ଦେଇ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିବା ସହ ଶିକ୍ଷାକେନ୍ଦ୍ରର ଉତ୍ତରତ୍ତୂର କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର ସମସ୍ତ ଅପା ଓ ଭାଇ ମାନେ ପରିଚାଳନା କରିଥିଲେ । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରା ଯାଇଥିଲା ।

## ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କ ସହିତ ଆଲୋଚନା କଲେ ବିଜେପି ନେତ୍ରୀ

**ଦଶରଥପୁର,(ନି.ପ୍ର) :** ବିଂଝାରପୁର ନିର୍ବାଚନମଣ୍ଡଳୀ ଅଧିନସ୍ଥ ଦଶରଥପୁର ବ୍ଲକ ଅନ୍ତର୍ଗତ ୧୫ ଗୋଟି ପଞ୍ଚାୟତର ବିଭିନ୍ନ ସମସ୍ୟା କୁ ନେଇ ବିଂଝାରପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତ୍ରୀ ବିବିତା ମଲ୍ଲିକ ଦଶରଥପୁର ବ୍ଲକ ବିଡ଼ିଓ ଆକାଶ ପଟ୍ଟନାୟକ ଙ୍କ ସହିତ ଆଲୋଚନ କରିଛନ୍ତି । ଏହି ସବୁ ପଂଚାୟତରେ ପାନୀୟ ଜଳ ଠାରୁ ଆରମ୍ଭ କରି ଭତ୍ତା, ଆବାସ, ଶୌଚାଳୟ,ରାସନ କାର୍ଡ, ଗ୍ରାମ୍ୟ ବିଦ୍ୟୁତକରଣ ଆଦି ଯୋଜନା ସମ୍ପର୍କ ରେ ଆଲୋଚନା କରିବା ସହିତ ରାଜ୍ୟରେ ଦାୟିତ୍ୱ ନେଇଥିବା ମୋହନ ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ । ଏହି ଆଲୋଚନା ସମୟରେ ବରିଷ୍ଠ ବିଜେପି ନେତା ନିରଞ୍ଜନ ବେହୁରିଆ, ଶଶଧର ବେହୁରିଆ, ଶୈରେନ୍ଦ୍ର ସାମଲ, ଶୁକଦେବ ଦାସ, ଚିନ୍ମୟୀ ପାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।



# ଶାଳଗାଁରେ ବିଶ୍ୱ ଜଳ ଦିବସ ପାଳିତ




**ବେତନଟୀ/ବାରିପଦା,(ନି.ପ୍ର) :** ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର ମୟୂରଭଞ୍ଜ ଓ ଫୋର୍ଡ ନାଖରା ମିଳିତ ଆନୁକୂଲ୍ୟରେ 'ବିଶ୍ୱ ଜଳ ଦିବସ' ପାଳନ କରାଯାଇଅଛି । କାର୍ଯ୍ୟକ୍ରମ ରେ ଫୋର୍ଡର ସନ୍ତୋଷ କୁମାର ଖଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା, ମୁଖ୍ୟବକ୍ତା ଭାବେ ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ପୁହାଣ , ସମ୍ମାନୀୟ ଅତିଥି ଭାବେ ସମାଜସେବୀ ଉମାକାନ୍ତ ସାସମଲ ଯୋଗ ଦେଇ ଜଳକୁ ସଂରକ୍ଷଣ କରିବା , ବିଶୁଦ୍ଧ ପାନୀୟ ଜଳର ବ୍ୟବହାର , ଗ୍ରୀଷ୍ମ ଦିନରେ ବିଭିନ୍ନ ସ୍ଥାନରେ ପଶୁପକ୍ଷୀମାନଙ୍କ ପାଇଁ ଜଳ ରଖିବା , ଜଳକୁ ଅଯଥାରେ ଅପବ୍ୟୟ ନ କରିବା ତଥା ନଦୀ , ନାଳ , ବନ୍ଧ , ପୋଖରୀର ଜଳକୁ ପରିସ୍କାର ରଖିବା ସହିତ ସଂରକ୍ଷଣ କରିବା ନିମନ୍ତେ ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରଚନା ଲିଖନ ପ୍ରତିଯୋଗିତା କରାଯିବା ସହିତ ପ୍ଲାକାର୍ଡ ଧରି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବସମାଜ ଓ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ଫୋର୍ଡର ସଭ୍ୟସଭ୍ୟା ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ। ସର୍ବଶେଷରେ ପ୍ରମୋଦ କୁମାର ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୋଗାଚାର୍ଯ୍ୟ ଧ୍ରୁବ ମୁନିଙ୍କ ୮୪ତମ ଜନ୍ମ ଜୟନ୍ତୀ ପାଳିତ



**ଚଣ୍ଡିଖୋଲ,(ନି.ପ୍ର) :** ଯୋଗାଚାର୍ଯ୍ୟ ମୁନିରତ୍ନ ଧ୍ରୁବ ଚରଣ ପ୍ରଧାନ ଙ୍କ ୮୪ତମ ଜନ୍ମ ଜୟନ୍ତୀ ଉତ୍ସବ ହାଟକରନ୍ଦା ସ୍ଥିତ କୃଷକ କ୍ଲବ ପକ୍ଷରୁ ମା ମଙ୍ଗଳା ମନ୍ଦିର ପରିସରରେ ପାଳିତ ହୋଇଯାଇଛି ।ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା ଙ୍କ ଅଦକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗାଚାର୍ଯ୍ୟ କଳାକୃଷ୍ଣ ମିଶ୍ର, ମୁନି ଯୋଗାଚାର୍ଯ୍ୟ ମୀନକେତନ ମହାନ୍ତି, ଯୋଗାଚାର୍ଯ୍ୟ ଦୀପାଞ୍ଜଳି ଦାସ ସାମନ୍ତ, ଯୋଗାଚାର୍ଯ୍ୟ ତ୍ରିଲୋଚନ ମହାନ୍ତ, ଯୋଗାଚାର୍ଯ୍ୟ ବାଇଧର ବେହେରା, ଲକ୍ଷ୍ମୀଧର ସାହୁ, ନାରାୟଣ ବିଶ୍ୱାଳ, ବସନ୍ତ ସାହୁ, ବିକାଶ ଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ଭୂୟାଁ, ନିମାଇଁ ମୁନି, ଘନଶ୍ୟାମ ମହାନ୍ତ ସମେତ ଶତାଧିକ ମୁନି ସମାଜ ର କର୍ମକର୍ତା ମାନେ ଏଥିରେ ଯୋଗଦେଇ ଯୋଗାଚାର୍ଯ୍ୟ ଧ୍ରୁବ ମୁନି ଙ୍କୁ ୮୪ତମ ଜନ୍ମ ଦିବସ ଅବସରରେ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ହାଟକରନ୍ଦା ସ୍ଥିତ ମା ମଙ୍ଗଳା କୃଷକ କ୍ଲବ ପକ୍ଷରୁ ମଧ୍ୟ ସଂଗଠନ ର କର୍ମକର୍ତା ମାନେ ଧ୍ରୁବମୁନି ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଗ୍ରାମ ର ୮୦ବର୍ଷ ରୁ ଉର୍ଦ୍ଧ ୫ଜଣଙ୍କୁ ମୁନି ସମାଜ ଓ କୃଷକ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ପାନ୍ଥ ରୁ ଆସିଥିବା ମୁନି ମାନଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି କାଯ୍ୟକ୍ରମ ପାଇଁ ଗ୍ରାମ ରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ଗ୍ରାମ ତଥା ଆଖ ପାଖ ଅଞ୍ଚଳ ର ବହୁ ବ୍ୟକ୍ତିବିଶେଷ ଏଥିରେ ଯୋଗ ଦେଇ ଧ୍ରୁବ ମୁନି ଙ୍କୁ ସ୍ୱାଗତ କରିଥିଲେ ଏବଂ ସମସ୍ତ ଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଯୋଗାଚାର୍ଯ୍ୟ ଧ୍ରୁବ ମୁନି ପରିଶେଷରେ ରାଜ୍ୟର ସମସ୍ତ ମୁନି ସମାଜ ମା ମଙ୍ଗଳା କୃଷକ ସଙ୍ଗଠନ ର କର୍ମକର୍ତା,ଗ୍ରାମ ବାସି ଓ ଆଖ ପାଖ ଅଞ୍ଚଳ ରୁ ଆସିଥିବା ବ୍ୟକ୍ତି ବିଶେଷ ଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଅବାଧ ନିର୍ବାଚନକୁ ଗୁରୁତ୍ୱ ଦେଉଛନ୍ତି ଭାରତୀୟ ନିର୍ବାଚନ କମିଶନ୍

## ମତଦାନ କେନ୍ଦ୍ରରେ ରହିବେନି ୧୨୦୦ ରୁ ଅଧିକ ଭୋଟର

**ଛତ୍ରପୁର,(ନି.ପ୍ର) :** ଭାରତର ଛବିଶିତମ ମୁଖ୍ୟ ନିର୍ବାଚନ କମିଶନର୍ (ସିଇଓ) ଭାବରେ ଜ୍ଞାନେଶ କୁମାର ଦାୟୀତ୍ୱ ଗ୍ରହଣ କରିଛନ୍ତି । ସେ ମୁକ୍ତ ଓ ଅବାଧ ମତଦାନ ପ୍ରକ୍ରିୟାକୁ ଅଧିକ ସୁଦୃଢ କରିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିରେ ନିର୍ବାଚନ କମିଶନର ଡଃ ସୁଖବୀର ସିଂ ସାନ୍ଧୁ ଓ ଡଃ ବିବେକ ଯୋଶୀ ସହଯୋଗ କରିଛନ୍ତି । ନିର୍ବାଚନ କମିଶନ୍ ସମସ୍ତ ଭୋଟରଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରୁଛନ୍ତି ।ମତଦାନ କେନ୍ଦ୍ରରେ ଭୋଟରଙ୍କ ପାଇଁ ଏକ ସୁଖଦ ଅଭିଜ୍ଞତା ସୁନିଶ୍ଚିତ କରିବା ବ୍ୟବସ୍ଥା କରିଛନ୍ତି। ଏଥିରେ ରାଜନୈତିକ ଦଳ ଓ ପ୍ରମୁଖ ଅଂଶୀଦାର ତୃଣମୂଳ ସ୍ତରରେ ସାମିଲ ହେଉଛନ୍ତି ବୋଲି ଭାରତୀୟ ନିର୍ବାଚନ କମିଶନ୍ ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ କରିବା ସକାଶେ ପ୍ରାୟ ଏକକୋଟି ନିର୍ବାଚନ ଅଧିକାରୀଙ୍କ ନିରନ୍ତର କ୍ଷମତା ବୃଦ୍ଧି ପାଇଁ ଡିଜିଟାଲ ତାଲିମ୍ ବ୍ୟବସ୍ଥା କରାଯାଇଛି । ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ତରରେ ପ୍ରାୟ ପାଞ୍ଚ ହଜାରଟି ସର୍ବ ଦଳୀୟ ବୈଠକ ମାଧ୍ୟମରେ ରାଜନୈତିକ ଦଳ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଏ ପର୍ଯ୍ୟନ୍ତ କେବଳ ଅଣାନବେ ଟି ପ୍ରଥମ ଅପିଲ ଏବଂ କେବଳ ଏକ ଗୋଟି ଦ୍ୱିତୀୟ ଅପିଲ୍ ଦାଖଲ ହୋଇଛି ।

ୟୁଆଇଡିଏଆଇ ଏବଂ ଭାରତୀୟ ନିର୍ବାଚନ କମିଶନର୍ ବିଶେଷଜ୍ଞଙ୍କ ମଧ୍ୟରେ ବୈଷୟିକ ପରାମର୍ଶ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । କମିଶନ୍ ଦେଶବ୍ୟାପୀ ଭୋଟର ତାଲିକାରେ ଡୁପ୍ଲିକେଟ୍ ହଟାଇବେ । ତିନି ମାସ ମଧ୍ୟରେ ଏକ ଦଶନ୍ଧି ଧରି ଚାଲିଥିବା ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନେଇଛନ୍ତି । ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟରେ ଭୋଟର ତାଲିକା ନିୟମିତ ହେବ । ସମସ୍ତ ଯୋଗ୍ୟ ନାଗରିକଙ୍କ ଶହେ ପ୍ରତିଶତ ପଞ୍ଜିକରଣ ସୁନିଶ୍ଚିତ କରିବା, ସହଜ ମତଦାନ ଏବଂ ଏକ ସୁଖଦ ମତଦାନ ଅଭିଜ୍ଞତା ସୁନିଶ୍ଚିତ କରିବା ହେଉଛି ଭାରତୀୟ ନିର୍ବାଚନ କମିଶନ୍ ଙ୍କ ପ୍ରମୁଖ ଉଦ୍ଦେଶ୍ୟ । କୌଣସି ମତଦାନ କେନ୍ଦ୍ରରେ ବାରସହ ରୁ ଅଧିକ ମତଦାତା ରହିବେ ନାହିଁ। ମତଦାତାଙ୍କ ଠାରୁ ଦୁଇ କିଲୋମିଟର ଦୂର ମଧ୍ୟରେ ମତଦାନ କେନ୍ଦ୍ର ରହିବା ପାଇଁ ପଦକ୍ଷେପ ନିଆଯିବ । ଏପରିକି ଦୂରତମ ଗ୍ରାମୀଣ ମତଦାନ କେନ୍ଦ୍ରରେ ମୌଳିକ ସୁବିଧା ସୁନିଶ୍ଚତ କରାଯିବ ବୋଲି କାର୍ଯ୍ୟାଳୟ ସୂଚନା ଦେଇଛି ।

ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୁଇ ଦିନିଆ ସମ୍ମିଳନୀ ମାର୍ଚ୍ଚ ଚାରି ତାରିଖରେ ନୂଆଦିଲ୍ଲୀରେ ହୋଇଥିଲା ।ଯେଉଁଥିରେ ପ୍ରଥମ ଥର ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଧିକାରୀ ଅଂଶ ଗ୍ରହଣ କରିଥିଲେ ।

ଦେଶ ବ୍ୟାପୀ ବୈଠକରେ ତୃଣମୂଳ ସ୍ତରରେ ରାଜନୈତିକ ଦଳ ଦ୍ୱାରା ଉଠାଯାଇଥିବା ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରାଯିବ । ଏହି ପ୍ରକ୍ରିୟା ଏକତିରିଶି ମାର୍ଚ୍ଚ ଦୁଇ ହଜାର ପଚିଶି ସୁଦ୍ଧା ସମଗ୍ର ଭାରତରେ ସମାପ୍ତ ହେବ । ଭାରତୀୟ ନିର୍ବାଚନ କମିଶନ୍ ସମସ୍ତ ରାଜନୈତିକ ଦଳଙ୍କ ଠାରୁ ପରାମର୍ଶ ମଧ୍ୟ ଆମନ୍ତ୍ରଣ କରିଛନ୍ତି । ସେମାନେ ତିରିଶି ଏପ୍ରିଲ ଦୁଇ ହଜାର ପଚିଶି ସୁଦ୍ଧା ମତାମତ ପଠାଇପାରିବେ ।

# ନ୍ୟାୟ ପାଇଁ ମହିଳା ବ୍ରହ୍ମପୁର ସୁପେରଟେଣ୍ଡେଣ୍ଟଙ୍କ ଦ୍ୱାରସ୍ଥ

**ଚିକିଟି,(ନି.ପ୍ର) :** ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ପୋଲରାଜ ପୁର ଗ୍ରାମର ଡୁବୁଡୁବା ସାହୁ ଙ୍କ ଝିଅ ସଙ୍ଗୀତା ସାହୁ ଦୀର୍ଘ ବର୍ଷ ହେଲା ସ୍ୱାମୀଙ୍କ ସହ ଅଲଗା ହୋଇ ନିଜ ବାପା ଙ୍କ ଘରେ ରହୁଥିବା ବେଳେ ତାଙ୍କ ସ୍ୱାମୀ ଜିତେନ୍ଦ୍ର ସାହୁ ଦ୍ୱିତୀୟ ସ୍ତ୍ରୀ ଙ୍କୁ ବିବାହ କରିଛନ୍ତି ଯାହାର ଫଳରେ ମହିଳା ସଙ୍ଗୀତା ସାହୁ ନ୍ୟାୟ ପାଇଁ ଆଇନ ର ଆଶ୍ରୟ ନେଇଥିଲେ ଏଥିରେ ମାନ୍ୟବର ନ୍ୟାୟଳୟ ତାଙ୍କ ସ୍ୱାମୀ ଜିତେନ୍ଦ୍ର ସାହୁ ଙ୍କୁ ଗିରଫ୍ ନିମନ୍ତେ ପଚିଶି,/ ଦଶ /ଦୁଇହଜାର ଚବିଶି ତାରିଖ ରେ ଜରଡା ଥାନା କୁ CRP - No 64/2024 letar No ୯୫ ଅନୁଯାୟୀ ନୋଟିସ ହୋଇଥିଲା କିନ୍ତୁ ଜରଡ଼ା ଥାନା ଓ ଖାରିଆଗୁଡା ଫାଣ୍ଡି ଅଧିକାରୀ ମାନଙ୍କ ଅ ସହଯୋଗ ଯୋଗୁ ସଙ୍ଗୀତା କୁ ଭ୍ରମିତ କରିଥିଲା ଓ ପୋଲିସ କିଛି ନ୍ୟାୟ ସଂଗତ କାର୍ଯ୍ୟାନୁଷ୍ଠାନ ସ୍ୱାମୀ ଜିତେନ୍ଦ୍ର ଉପରେ କରୁନାହାନ୍ତି ବୋଲି




ସୂଚନା ଦେଇଛନ୍ତି ସଙ୍ଗୀତା । କିନ୍ତୁ ବ୍ରହ୍ମପୁର ସୁପେରଟେଣ୍ଡେଣ୍ଟ ଙ୍କ ଦ୍ୱାରସ୍ଥ ପରେ ବି ମହିଳା ଙ୍କୁ ନ୍ୟାୟ ପାଇଁ ଅପେକ୍ଷା କରିବାକୁ କହୁଛି ପୋଲିସ, ପ୍ରଶାସନ ବୋଲି ସଙ୍ଗୀତା ଗଣ ମାଧ୍ୟମ କୁ ମୋବାଇଲ ରେ ସୂଚନା ଦେଇଛନ୍ତି ! ହେଲେ ଏହାର ପ୍ରତିକ୍ରିୟା ପାଇଁ ଜରଡ଼ା ଥାନା ଅଧିକାରୀ ଟୁନା ଶାସମଲ ଙ୍କୁ ଯୋଗାଯୋଗ କରି ଥିଲେ ହେଁ ପୋଲିସ ପାଖରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ । କିନ୍ତୁ ପୋଲିସ ଡିପାର୍ଟମେଣ୍ଟ ଉପରେ ମୋହନ ସରକାର ଙ୍କ ନୂତନ ଆଇନ ଲାଗୁ କରିବା ପରେ ମଧ୍ୟ ପୋଲିସ ଏଭଳି ନାରୀ କୁ ସଂମ୍ମାନ ଦେବ ତାହେଲେ ଏହି ସରକାର ଙ୍କ ଉପରୁ ଲୋକଙ୍କ ଭରସା ହଜି ଯାଉଛି । ଡବଲ ଇଂଜିନ ସରକାର ରେ ଏହା କଣ ନାରୀକୁ ସଂମ୍ମାନ ? ଏହା କଣ ମୋହନ ସରକାର ଙ୍କ ଆଇନ ଗୋଟେ ନାରୀ ବାରମ୍ବାର ଥାନା ରୁ କୋର୍ଟ ଆଉ କୋର୍ଟ ରୁ ପୋଲିସ ଅଧିକାରୀ ଙ୍କ ପାଖକୁ ଦୌଡ଼ି ଦୌଡ଼ି ଚପଲ ସରିଗଲା କିନ୍ତୁ ନ୍ୟାୟ ଟିକେ ମିଳିବ ବୋଲି । ଏହା କଣ ନାରୀ ଙ୍କୁ ସଂମ୍ମାନ ? ଦେଖିବାକୁ ରହିଲା ସଙ୍ଗୀତା ଯେଉଁ ଆଶା, ଭରସା ଓ ବିଶ୍ୱାସ ଟିକେ ନ୍ୟାୟ ପାଇବା ଆଶା ରେ ପୋଲିସ ଅଧିକାରୀ ଙ୍କ ଉପରେ ରଖିଛନ୍ତି ତାହା କେବେ ପୋଲିସ ଅଧିକାରୀ ପୂରଣ କରି ମହିଳା ଙ୍କୁ ନ୍ୟାୟ ଦେଉଛନ୍ତି ଓ ପ୍ରକୃତି ଦୋଷୀ ଉପରେ କଣ କାର୍ଯାନୁଷ୍ଠାନ ନେଉଛନ୍ତି ।

# ଦୁର୍ନୀତି ବଳୟରେ ଖୋର୍ଦ୍ଧା ପୌରପାଳିକା କାର୍ଯ୍ୟାଳୟ !

## ଠିକା କର୍ମଚାରୀ ହେଉଛନ୍ତି ମାଲେମାଲ୍

**ଖୋର୍ଦ୍ଧା,(ନି.ପ୍ର) :** ବର୍ତ୍ତମାନ ଖୋର୍ଦ୍ଧା ପୌରପାଳିକା କାର୍ଯ୍ୟାଳୟରେ ସହରବାସୀଙ୍କଠୁ ହୋଲ୍ଡିଂଟ୍ୟାକ୍ସ ଆଦାୟ କରିବା ପାଇଁ ୯(ନଅ) ଜଣ ଟ୍ୟାକ୍ସ କଲେକ୍ଟର କାର୍ଯ୍ୟ କରୁଛନ୍ତି। ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ଜଣେ ବରିଷ୍ଠ ସହାୟକ ଙ୍କୁ ଦାୟୀତ୍ୱ ଦିଆଯାଇଥିଲା। କିନ୍ତୁ ଏପରି କଣ ହେଲା ଯେ ରାତା ରାତି ତାଙ୍କୁ ପରିବର୍ତ୍ତନ କରି ଜଣେ ଦିନ ମଜୁରିଆ(ଡିଏଲ୍ ଆର) ଭାବେ କାର୍ଯ୍ୟ କରୁଥିବା ଲାଲ ମୋହନ ସ୍ୱାଇଁଙ୍କ ହାତକୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇଛି। ଯଦି ସରକାରୀ ଗାଇଡ୍ ଲାଇନ୍ସ କୁ ଦେଖାଯାଏ ତେବେ ପୌରପାଳିକା ନିୟମ ୧୯୫୩ ଅନୁସାରେ କୌଣସି ଗୁରୁତ୍ୱପୁର୍ଣ୍ଣ ପଦବୀରେ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇ ପାରିବନାହିଁ। ଏହି ପଦବୀରେ କେବଳ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ଥାୟୀ କର୍ମଚାରୀ ହିଁ ରହିପାରିବେ। ମାତ୍ର ବିଡମ୍ବନାର ବିଷୟ ପୌରାଧିକାରିଣୀ ସ୍ଥାୟୀ କର୍ମଚାରୀଙ୍କ ଉପରୁ ଭରସା ତୁଟାଇ ଅସ୍ଥାୟୀ କର୍ମଚାରୀଙ୍କ ଉପରେ ଏତେ ପ୍ରଗାଢ ବିଶ୍ୱାସ କିପରି ପ୍ରକଟ କରିଛନ୍ତି, ଯାହା ସନ୍ଦେହ ଘେରରେ ! ଜଣେ ଦିନ ମଜୁରିଆର ଦୈନିକ ମଜୁରି ସର୍ବାଧିକ ୫ ଶହ ରୁ ୬ ଶହ ଟଙ୍କା। କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ଜଣେ ଡିଏଲଆର କର୍ମଚାରୀଙ୍କ ହାତରେ ଚଳିତ ଆର୍ଥିକ ବର୍ଷରେ ଖୋର୍ଦ୍ଧା ସହରରୁ ୧କୋଟି ୫୦ ଲକ୍ଷ ୩୩ ହଜାର ୪୧୮ ଟଙ୍କାର ହୋଲ୍ଡିଂ ଟିକସ , ଲାଇଟ ଟିକସ ଓ ଡ୍ରେନେଜ ଟିକସ ଆଦାୟ କରିବାର ଦାୟିତ୍ୱ ନ୍ୟସ୍ତ କରାଯାଇଛି ! ଏ ସଂକ୍ରାନ୍ତରେ ପୌରାଧିକାରିଣୀଙ୍କୁ ପଚାରିବାରେ ସେ କୁହନ୍ତି ସ୍ଥାୟୀ କର୍ମଚାରୀଙ୍କ ଅପେକ୍ଷା ମୋର ଅସ୍ଥାୟୀ କର୍ମଚାରୀଙ୍କ ଉପରେ ପ୍ରଗାଢ ବିଶ୍ୱାସ ଅଛି। କିନ୍ତୁ ଜଣେ ପୌରାଧିକାରିଣୀ ଭାବେ ସେ ନିଜର ପଦର ଗରିମାକୁ ତଥା ସରକାରୀ ନିୟମକୁ ଅଣଦେଖା କରିବାର ନୈତିକ ଅଧିକାର ତାଙ୍କ ପାଖରେ ନାହିଁ। ଆଜି ଯଦି କୌଣସି ଅଘଟଣ ଘଟେ ତେବେ ତାର ଉତରଦାୟିତ୍ୱ କ'ଣ ପୌରାଧିକାରିଣୀ ରହିବେ ? ତାଙ୍କ କହିବାନୁସାରେ ସ୍ଥାୟୀ କର୍ମଚାରୀ ଟିକସ ହେର ଫେର ନକରିବେ ବୋଲି ପ୍ରମାଣ କ'ଣ ? କିନ୍ତୁ ସ୍ଥାୟୀ କର୍ମଚାରୀ ଯଦି ହେର ଫେର କରନ୍ତି ତେବେ ସରକାରୀ ନିୟମାନୁଯାୟୀ ତାଙ୍କର ଦରମା ତଥା ପେନସନରୁ ଆଦାୟ କରାଯାଇ ପାରିବ ମାତ୍ର ଅସ୍ଥାୟୀ କର୍ମଚାରୀଙ୍କଠୁ କିପରି ଆଦାୟ କରାହେବ ? ଅନୁରୁପ ଭାବେ ଜଣେ ଅସ୍ଥାୟୀ କର୍ମଚାରୀ ବିନୟ ରାମଙ୍କୁ ଲାଇସେନ୍ସ ଫିସ ଆଦାୟ ଦାୟୀତ୍ୱ ନ୍ୟସ୍ତ କରାଯାଇଛି ଯାହା ବାର୍ଷିକ ଦେଢ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ଆଦାୟ ହୋଇଥାଏ। ଓଡିଶା ମ୍ୟୁନିସପାଲ ଧାରା ୪୨୭ ଅନୁଯାୟୀ ଜଣେ ହାୟର ଗ୍ରେଡ କ୍ଲର୍କ ଙ୍କୁ ଏହି ଗୁରୁଦାୟିତ୍ୱ ଦେବାର ନିୟମ ଅଛି। ମାତ୍ର ଏହାକୁ ଅଣଦେଖା କରି କିପରି ଏତେବଡ ଦାୟୀତ୍ୱ ରାମଙ୍କୁ ଦିଆଯାଇଛି ବୋଲି କର୍ମଚାରୀ ମହଲରେ ମଧୁ ଗୁଞ୍ଜରଣ ସୃଷ୍ଟି ହୋଇଛି। ଏହାଛଡା ପୋଖରୀ ନିଲାମ, ଦୋକାନ ଭଡା ଆଦାୟ, ପାର୍କିଙ୍ଗ ଆଦାୟ, ସୂଚନା ପ୍ରଦାନ, ଓ ଆସେମ୍ବଲି ପ୍ରଶ୍ନୋତର ଇତ୍ୟାଦି ଦାୟିତ୍ୱ ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠେ ପୌରାଧିକାରିଣୀ କାହିଁକି କର୍ଯ୍ୟାଳୟରେ ସ୍ଥାୟୀ ତଥା ଅଭିଜ୍ଞ କର୍ମଚାରୀ ଥାଉ ଥାଉ ସେ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଏପରି ଗୁରୁ ଦାୟୀତ୍ୱ ପ୍ରଦାନ କରିଛନ୍ତି ଯାହା ସନ୍ଦେହ ଘେରରେ। ଏହା ଛଡା ଅନେକ କର୍ମଚାରୀ ନିଜ ପରବାରର ବନ୍ଧୁ ବର୍ଗଙ୍କ ନାମରେ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା କାର୍ଡ ଇତ୍ୟାଦି କରିଛନ୍ତି ଯାହା ଜନସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ତେଣୁ ଯଥା ଶୀଘ୍ର ଜିଲା ପ୍ରଶାସନ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଦାବୀହେଉଛି।

## ଲୋ ଭୋଲଟେଜ୍ ସମସ୍ୟା ପ୍ରସଙ୍ଗ

# ପ୍ରଶାସନ ବୁଝାସୁଝା ପରେ ହଟିଲେ ଚାଷୀ

**ରାଇଘର,(ନି.ପ୍ର) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ: ଲୋ ଭୋଲଟେଜ୍ ସମସ୍ୟା ଯୋଗୁଁ ରାଇଘର ଉମରକୋଟ ରାସ୍ତା ଅବରୋଧ କରିଥିଲେ ସତାଧିକ ଚାଷୀ, ଦୀର୍ଘ ୩୦ ଘଣ୍ଟା ଆନ୍ଦୋଳନ ପରେ ସ୍ଥାନୀୟ ବିଡିଓ ଲକ୍ଷ୍ମୀ ସାଗର ମାଝୀ, ତହସିଲଦାର ରିତୁ ସିଂ, ଉମରକୋଟ ଏସ୍ ଡି ପି ଓ ଶୁଭେନ୍ଦୁ ଶବର, ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହିତ ଚାଷୀ ଙ୍କ ଦାବୀ ପତ୍ର ଗ୍ରହଣ କରି ଜିଲ୍ଲା ପାଳ ଙ୍କୁ ପ୍ରେରଣ କରାଯିବ ଏବଂ ଏହାର ସମାଧାନ ଶୀଘ୍ର ହେବ ବୋଲି କହିବା ପରେ ଆନ୍ଦୋଳନ ରେ ବସିଥିବା ଚାଷୀ ହଟିଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି ଚାଷୀ କହିବା ଅନୁସାରେ ଯେଉଁ ଦିନ ଠାରୁ ଟାଟା ପାୱାର କୁ ବିଦ୍ୟୁତ ହସ୍ତାନ୍ତର ପର ଠାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି ! ତାସହ ବିଲ ଅଧିକ ଆସୁଛି ତ କେତେବେଳେ ଲୋ ଭୋଲଟେଜ୍ ଯୋଗୁଁ ଚାଷକାମ ଓ ପିଲାମାନଙ୍କ ପାଠ ପଢା ରେ



ବାଧା ସୃଷ୍ଟି ହେଉଛି। ତେଣୁ ନବରଙ୍ଗପୁର ଜିଲ୍ଲା ରାଇଘର ସରଗୁଲି ଛକ ଠାରେ ଚାଷୀ ସ୍ଥାୟୀ ସମାଧାନ ନିମନ୍ତେ ରାସ୍ତା ଯାମ କରି ଆନ୍ଦୋଳନ କରିଥିଲେ। ବ୍ଲକ ର ବହୁ ପଂଚାୟତର ଗ୍ରାମ ଗୁଡିକରେ ଦୀର୍ଘ ଦିନ ହେବ ଲୋ ଭୋଲଟେଜ୍ ସମସ୍ୟାଲାଗି ରହୁଥିବାରୁ ଚାଷୀ ଜମି ରେ ପାଣି ମଡେଇ ପାରୁ ନାହାଁନ୍ତି। ବାରଂବାର ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ ଭୋଲଟେଜ୍ ସମସ୍ୟା ଯୋଗୁଁ ଚାଷୀ ଜମି ରେ ପାଣି ନ ଦେଇପାରିବାରୁ ଖରାରେ ଚାଷ ପୋଡି ନଷ୍ଟ ହେବାକୁ ଲାଗିଲାଣି ଯାହାଫଳରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି, ରାସ୍ତା ର ଉଭୟ ପାର୍ଶ୍ୱରେ ଗାଡି ଅଟକ ରହିଛି, ଯାହା ଫଳରେ ରାଇଘର ଠାରୁ ଛତିଶ ଗଡ଼ ର ରାୟପୁର, ଭୁବନେଶ୍ୱର, ବ୍ରହ୍ମପୁର ଜୟପୁର ଯିବାଆସିବା ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା ଘଟଣାସ୍ଥଳରେ ବିଦ୍ୟୁତ ବିଭାଗର କର୍ମଚାରି, ପୋଲିସ ପହଞ୍ଚି ବୁଝାସୁଝା ପରେ ମଧ୍ୟ ଚାଷୀ ଆନ୍ଦୋଳନ ରୁ ହଟି ନଥିଲେ। ତାପରେ ବିଡ଼ିଓ, ତହସିଲଦାର , ଆଦି ପହଞ୍ଚି ବୁଝାସୁଝା କରିବା ପରେ ଚାଷୀ ଆନ୍ଦୋଳନ ରୁ ହଟି ଥିବା ଦେଖିବାକୁ ମିଳିଥିଲା।

# ଟାଟା ଷ୍ଟିଲ କଳିଙ୍ଗନଗର ଷ୍ଟିଲ୍ ମେଲ୍ଟିଂ ସପରେ ଦୁର୍ଘଟଣା : ୯ ଜଣ ଆହତ

**ଯାଜପୁର,(ନି.ପ୍ର) :** ଟାଟା ଷ୍ଟିଲ କଳିଙ୍ଗନଗର ଷ୍ଟିଲ ମେଲ୍ଟିଂ ସପ୍ ଦୁର୍ଘଟଣାରେ ୯ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଟାଟା ଷ୍ଟିଲ ମେଡିକା ହସ୍ପିଟାଲକୁ ନିଆଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ଜଣେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରୁ ଡିସଚାର୍ଜ ହୋଇ ଘରକୁ ଫେରିଛନ୍ତି । ଅଭିଜ୍ଞ ଡାକ୍ତରୀ ଦଳ ଏବେ ଆହତ ବ୍ୟକ୍ତିମାନଙ୍କ ଚିକିତ୍ସା କରୁଛନ୍ତି ଏବଂ ସମସ୍ତେ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି ବୋଲି ନିଶ୍ଚିତ କରିଛନ୍ତି । ଆମେ ସେମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ସେମାନଙ୍କର ଆଶୁ ଆରୋଗ୍ୟ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକ ପ୍ରୟାସ କରାଯାଉଛି। ଘଟଣା ସମ୍ପର୍କରେ ବିଭାଗୀୟ ସରକାରୀ ଅଧିକାରୀ ଓ ଆହତଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଛି। ଘଟଣାସ୍ଥଳକୁ ବ୍ୟାରିକେଡ୍ କରାଯାଇ ଆଭ୍ୟନ୍ତରୀଣ ତଦନ୍ତ ଜାରି ରହିଛି। ପରିସ୍ଥିତିର ମୁକାବିଲା ପାଇଁ ଆମେ ସମସ୍ତ ଆବଶ୍ୟକ ପଦକ୍ଷେପ ନେଉଛୁ। ଦୟାକରି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡିଓକୁ ଆମ କାରଖାନାର ଘଟଣା ବୋଲି ବିଶ୍ୱାସ କରନ୍ତୁ ନାହିଁ । ଏକ ଦାୟିତ୍ୱବାନ କର୍ପୋରେଟ୍ ଭାବରେ, ଆମର କର୍ମଚାରୀ ଏବଂ ଆମର ସମସ୍ତ ସହଯୋଗୀଙ୍କ ସୁରକ୍ଷା ଏବଂ କଲ୍ୟାଣ ଆମର ସର୍ବୋଚ୍ଚ ପ୍ରାଥମିକତା ଅଟେ ବୋଲି ଟାଟାଷ୍ଟିଲ ପକ୍ଷରୁ ସୂଚନା ଦିଆଯାଇଛି ।

# ମାନସିକ ବିକାରଗ୍ରସ୍ତ ଯୁବକ ଉଦ୍ଧାର



**ପାଣିକୋଇଲି,(ନି.ପ୍ର) :** ବିକାରଗ୍ରସ୍ତ ଯୁବକକୁ ପୁଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପ୍ରକାଶଯେ ପଟ୍ଟାମୁଣ୍ଡାଇ ଥାନା ମାଟିଆ ଗ୍ରାମର ଅନନ୍ତ ମଲିକଙ୍କ ସାନପୁଅ ଶିବ ପ୍ରସାଦ (୨୨)ଜଣେ ମାନସିକ ବିକାରଗ୍ରସ୍ତ ଯୁବକ । କୌଣସି କାରଣରୁ ସେ କିଭଳି ନିଜ ଗ୍ରାମରୁ ଗତ ସୋମବାର ସନ୍ଧ୍ୟାରେ ସାଇକେଲ ଧରି ଘରୁ ପଳାଇ ଆସିଥିଲା । ପରିବାର ଲୋକମାନେ ବହୁତଖୋଜାଖୋଜି ପରେ ତାର କୌଣସି ପତ୍ତା ମିଳିନଥିଲା। ଅନନ୍ତ ପାଣିକୋଇଲିରେ ସ୍ଥାନୀୟ ଲୋକମାନଙ୍କୁ ପୁଅର ଫଟୋ ଦେଖାଇ ଖୋଜୁଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ପାଣିକୋଇଲି ଥାନାଧୀକାରୀ ରଞ୍ଜିତ ମହାନ୍ତିଙ୍କ ନିକଟକୁ ନେଇଯାଇଥିଲେ। ଶ୍ରୀ ମହାନ୍ତି ବିଭିନ୍ନ ଥାନାସହିତ ଯୋଗାଯୋଗ କରିବାରୁ ଶିବ କୋରାଇ ଥାନା ଦ୍ୱାରା ଉଦ୍ଧାର ହୋଇ ଚିକିତ୍ସିତହେଉଥିବା ଖବର ପାଇଥିଲେ। ଏ ନେଇ ପାଣିକୋଇଲି ଥାନାଧିକାରୀ କୋରାଇ ଥାନାଧିକାରୀ ରାକେଶ ତ୍ରିପାଠୀ ଓ ପାଣିକୋଇଲିର ସ୍ୱେଚ୍ଛାସେବୀ ସଙ୍ଗଠନ ଆମେଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସହାୟତା ନେଇଥିଲେ । ଗ୍ରୁପର ଉପଦେଷ୍ଟା ତାରିଣୀକୁମାର ପଟ୍ଟନାୟକ, ସଭାପତି ଅଶୋକ କୁମାର ଦାସ, କୋଷାଧକ୍ଷ ହରେକୃଷ୍ଣ ସାହୁସଦସ୍ୟ ବିଶ୍ୱଜିତ ଦାସ ପ୍ରମୁଖ ଅନନ୍ତଙ୍କୁ କୋରାଇ ଥାନାକୁ ନେଇଥିଲେ । କୋରାଇର ବିଶ୍ୱାସ ପରିବାରର ସଦସ୍ୟ ମାନେ ଗ୍ରୁପର ସୁନୀଲ କୁମାର ଓଝା, ସମ୍ପାଦକ ଶିବ ପ୍ରସାଦ ସାହୁ ଉପଦେଷ୍ଟା ଗ୍ୟାଶୁଦ୍ଦିନ ଖାଁ. ସଲମାନ ଖାଁ ପ୍ରମୁଖ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର



**ବଲାଙ୍ଗୀର,(ନି.ପ୍ର) :** ଆଦ୍ୟ ତାରିଖ ୨୨.ମାର୍ଚ୍ଚ.୨୫ ଦିନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ବରିଷ୍ଠ ନାଗରିକ ମାନଙ୍କପାଇଁ ସ୍ୱାସ୍ଥ୍ୟ ସେବା ଶିବିର ବେହରା ପାଲି କମ୍ୟୁନିଟି ସେଣ୍ଟର ଠାରେ ଅନୁଷ୍ଠିତ ହୋଇ ହେଇଥିଲା। ଏହି ସ୍ୱାସ୍ଥ୍ୟ ଶିବିର ରେ ମାଗଣା ଔଷଧ ଓ ମାଗଣା ରକ୍ତ ପରୀକ୍ଷା କରାଯିବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା ଏହି ଶିବିର ରେ ସ୍ଥାନୀୟ ଆଶା କର୍ମୀ ,ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ର ର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ ।ଏହି ସ୍ୱାସ୍ଥ୍ୟ ଶିବିର ରେ ଡାକ୍ତର ନନ୍ଦ କିଶୋର ପଢ଼ି , ଭୀମଭୋଇ ମେଡିକାଲ କଲେଜର ଡ଼ାକ୍ତର ଆଦିତ୍ୟ ଶୁକ୍ଳା , ଶାରୀରିକ ଚିକିଷକ ସତ୍ୟବ୍ରତ ସାହୁ, ପୃଷ୍ଟିକର କର ବିଶେଷଜ୍ଞ ଯୋଗ ଦେଇଥିଲେ ।ଏହି ସ୍ୱାସ୍ଥ୍ୟ ଶିବିର ଟିକୁ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ କାର୍ଯ୍ୟାଳୟ ତରଫରୁ ଦି ପି ଏକ ଓ ଦିବ୍ୟ କିଶୋର ପତି ଓ ଏ ପି ଏମ ରାମାନୁଜ ପଣ୍ଡା ତଦାରଖ କରି ଥିଲେ ।ଏହି ସ୍ୱାସ୍ଥ୍ୟ ଶିବିର ରେ ୧୨୦ ରୁ ଉର୍ଦ୍ଧ ବରିଷ୍ଠ ରୋଗୀ ମାଗଣା ସେବା ଲାଭ କରିଥିଲେ ।ଉକ୍ତ ସ୍ୱାସ୍ଥ୍ୟ ଶିବିରଟି ସୁଚାରୁ ରୂପେ ପରିଚାଳିତ ହେଇଥିଲା।

# ବଦଳିବ ସ୍କୁଲ ପିଲାଙ୍କ ସିଲାବସ୍

## NEP ଅନୁସାରେ ନୂଆ ପାଠ୍ୟକ୍ରମର ଢାଞ୍ଚା ପ୍ରସ୍ତୁତ ହେବ

**ଭୁବନେଶ୍ୱର,(ନି.ପ୍ର) :** ରାଜ୍ୟରେ ବଦଳିବ ସ୍କୁଲ ପିଲାଙ୍କ ସିଲାବସ୍ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ବଦଳିବ ସିଲାବସ୍ । ୨୦୨୬-୨୭ ଶିକ୍ଷା ବର୍ଷରେ ଲାଗୁ ହେବ ନୂଆ ପାଠ୍ୟକ୍ରମ । ଶନିବାର ଏ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଜାତୀୟ ଶିକ୍ଷା ନୀତି- ଘରଚ ଅନୁସାରେ ନୂଆ ପାଠ୍ୟକ୍ରମର ଢାଞ୍ଚା ପ୍ରସ୍ତୁତ ହେବ । ନୂଆ ସିଲାବସ୍‌ର ଭାଷା, ସଂସ୍କୃତି ଓ ଐତିହ୍ୟକୁ ଅଧିକ ଗୁରୁତ୍ୱ ମିଳିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ।ସେହିପରି ସ୍କୁଲ ପିଲାଙ୍କ ଆଡମିଶନକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମାର୍ଚ୍ଚ ୩୧ ନୁହେଁ ସେପ୍ଟେମ୍ବର ପହିଲା ସୁଦ୍ଧା ୬ ବର୍ଷ ହେବା ଜରୁରୀ । ସେ କହିଛନ୍ତି କେନ୍ଦ୍ରର ନିୟମ ଅନୁସାରେ ୩୧ ମାର୍ଚ୍ଚ ସୁଦ୍ଧା ପିଲାଙ୍କୁ ୬ ବର୍ଷ ହେଲେ ଆଡମିଶନ ନେଇପାରିବେ । କିନ୍ତୁ ଓଡ଼ିଶାରେ ଏହି ନିୟମକୁ କୋହଳ କରାଯାଇଛି । ମାର୍ଚ୍ଚ ୩୧ ନୁହେଁ ସେପ୍ଟେମ୍ବର ୧ ସୁଦ୍ଧା ୬ ବର୍ଷ ହେଲେ ସ୍କୁଲରେ ନାମ ଲେଖାଇ ପାରିବେ । କେହି ପିଲା ଯେପରି ପାଠପଢାରୁ ବଂଚିତ ନ ହୁଅନ୍ତି ସେ ନେଇ ବ୍ୟବସ୍ଥା କରାଯାଇଥିବା କହିଛନ୍ତି ମନ୍ତ୍ରୀ ।

# ଅନ୍ୱେଷା ହୋଷ୍ଟେଲରେ ବାର୍ଷିକ ଉତ୍ସବ

**ରାଇଘର,(ନି.ପ୍ର) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ଅନ୍ୱେଷା ହୋଷ୍ଟେଲ୍ ପରିସର ମଧ୍ୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହଷ୍ଟେଲ ର ସୁପରଟେଡେଣ୍ଟ ସୋହେଲ ଗଣ୍ଡଙ୍କ ସଭାପତିତ୍ୱ ରେ ଆୟୋଜିତ ବାର୍ଷିକ ଉତ୍ସବ ରେ ମୂଖ୍ୟ ଅତିଥି ଭାବେ ଶିବ ନାଥ ବାନାର୍ଜୀ , ପ୍ରୀତିସ୍ନିଧା ମହାପାତ୍ର , ଶିବ ଗଣ୍ଡ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ରାଇଘର ବ୍ଲକ ମଙ୍ଗଳ ଅଧିକାରୀ ଶ୍ୟାସୁନ୍ଦର ଦୁରିଆ, ବିଦୁ ଭୂଷଣ ବେହେରା ଙ୍କ ଉପସ୍ଥିତି ରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରଂଭ ହୋଇଥିଲା। ହଷ୍ଟେଲ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ,। ତାପରେ ଅନ୍ୱେଷା ହଷ୍ଟେଲ ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂଶୃତିକ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହଷ୍ଟେଲ ର ସମସ୍ତ କର୍ମଚାରୀ ତଥା ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ।

# ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ସୁନ୍ଦରଗଡ଼ରେ ଡବଲ ମର୍ଡ଼ର

**ସୁନ୍ଦରଗଡ,(ନି.ପ୍ର) :** ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଗଡ଼ତୁମୁଳିଆରେ ଶନିବାର ଦିନ ଦୁଇ ଜଣ ମହିଳାଙ୍କୁ ହତ୍ୟା କରାଯାଇଛି। ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ଆଈ ଓ ଖୁଡ଼ି। ସେମାନେ ହେଲେ ବିଳାସିନୀ ସୁଇ (୫୦) ଓ ତାଙ୍କର ମା'। ହେମଗିରି ଥାନା ଗଡ଼ତୁମୁଳିଆ ଗାଁରେ ବିଳାସିନୀ ଓ ତାଙ୍କର ମା' ଆଜି ପାଣି ନେଇକି ଘରକୁ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତ ବ୍ୟକ୍ତି ଟାଙ୍ଗିଆ ଧରି ପୂର୍ବ ପ୍ରସ୍ତୁତିରେ ଥିଲା। ସେ ବିଳାସିନୀ ଓ ତାଙ୍କର ମା'ଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲା। ସୂଚନା ଅନୁସାରେ ହେମଗିରି ଥାନା ଗଡ଼ତୁମୁଳିଆ ଗାଁରେ ବିଳାସିନୀ ଓ ତାଙ୍କର ମା' ଆଜି ପାଣି ନେଇକି ଘରକୁ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତ ବ୍ୟକ୍ତି ଟାଙ୍ଗିଆ ଧରି ପୂର୍ବ ପ୍ରସ୍ତୁତିରେ ଥିଲା। ସେ ବିଳାସିନୀ ଓ ତାଙ୍କର ମା'ଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ୨ ମହିଳା ଟଳି ପଡ଼ିଥିଲେ।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର